ମୂଲ୍ୟ: ₹୧/-

ଧରିତ୍ରୀ
DHARITRI

# ସାହିତ୍ୟାଞ୍ଚଳ

ଫେବୃୟାରୀ ୬-୧୯, ୨୦୧୯

**ସ୍ମୃତି-ଅନୁଭୂତି** : ତ୍ରିନାଥ ପଟ୍ଟନାୟକ

**ପହିଲି ପୁଲକ** : ପାପାଲି ଭୂୟାଁ

**ପ୍ରଥମ ବହି** : ବୀଣାପାଣି ପଣ୍ଡା

**ବିଶେଷ ଗଳ୍ପ** : ସୁପ୍ରିୟା ପାଲ୍



# ନିଜ ନିଜ ଆକାଶ




ବୀଣାପାଣି ପଣ୍ଡା

**ବୀଣାପାଣି ପଣ୍ଡାଙ୍କ ଜନ୍ମ ୧୯୫୮ରେ। ୧୯୮୦ ପରବର୍ତ୍ତୀ ଓଡ଼ିଆ କବିତାରେ ବୀଣାପାଣି ଗୋଟେ ନୂଆ ଖୁସ୍‌ବୁ। ବିଷୟ ଚୟନରେ ଯେମିତି ବାରନ୍ତି ଭଲମନ୍ଦ, ଭାଷା ବିନ୍ୟାସରେ ବି ସେମିତି ଖୁଣ୍ଟିନାଣ୍ଟି। ପ୍ରକାଶିତ ୯ଟି କବିତା ଗ୍ରନ୍ଥ, ଯହିଁରେ ସାମିଲ 'ନିଜ ନିଜ ଆକାଶ', 'କିଛି କଥା କିଛି ନୀରବତା', 'କାକର ବୁନ୍ଦାରେ ସୂର୍ଯ୍ୟ', 'ଭୂଲଗ୍ନା', 'ଗୋଧୂଳି ଗୀତ' ଓ 'ଜହ୍ନ ବଗିଚା'। କବିତାରେ ସ୍ୱକୀୟ ଗୁଣବତ୍ତା ପାଇଁ ସେ 'ଝଂକାର ପୁରସ୍କାର', 'ସୁଚରିତା ପୁରସ୍କାର', 'ଓଡ଼ିଶା ଲେଖିକା ସଂସଦ ପୁରସ୍କାର', 'ଗୋକର୍ଣ୍ଣିକା ସମ୍ମାନ' ଓ 'ଅଖିଳ କବିତା ସମ୍ମାନ' ଆଦି ରାଜ୍ୟସ୍ତରୀୟ ବହୁ ସମ୍ମାନରେ ସମ୍ମାନିତା।**

ପ୍ରଥମ ବହିର ଅନୁଭୂତି ପ୍ରଥମ ପ୍ରେମର ଅନୁଭୂତି ଭଳି। ଆନନ୍ଦ ଯେତିକି, ଆଶଙ୍କା ସେତିକି। ଉଲ୍ଲାସ ଯେତିକି, ଉଦ୍‌ବେଗ ବି ସେତିକି। ଦୁରୁଦୁରୁ ଛାତି, ଡରଡର ମନ- ବହି ଭଲ ହେବ କି ଖରାପ, ପାଠକମାନଙ୍କୁ ସନ୍ତୋଷ ଦେଇପାରିବ କି ନାହିଁ! ମୋ' ପାଇଁ ତ ଏ ଉତ୍କଣ୍ଠା ଆହୁରି ତୀବ୍ର। କାରଣ ଅନେକ ଡେରିରେ ମୁଁ ବହି କଲି। ସେତେବେଳକୁ ପ୍ରାୟ ୧୦/୧୨ ବର୍ଷ ଧରି ମୁଁ ଓଡ଼ିଶାର ସଂଭ୍ରାନ୍ତ ସାହିତ୍ୟ ପତ୍ରିକା ଝଂକାର, ଇସ୍ତାହାର, ସୁଚରିତା, ନବରବି, ପ୍ରତିବେଶୀ ଇତ୍ୟାଦିରେ ନିୟମିତ ଲେଖୁଥିଲି। ମୋ'ଠାରୁ କନିଷ୍ଠ ବହୁ କବିଙ୍କର ସଂକଳନ ପ୍ରକାଶ ପାଇ ସାରିଥିଲା। ବିଳମ୍ବିତ ସନ୍ତାନ ପାଇଁ ମାଆର ବ୍ୟାକୁଳତା ଭଳି ଏକ ବ୍ୟାକୁଳ ଭାବ ମୋ' ଭିତରେ ଥିଲା, ହେଲେ ବହି ଛାପିବାର ବାଟଟି ମୋତେ ଜଣା ନ ଥିଲା। ବାହାର ଦୁନିଆ ସହ ଯୋଗାଯୋଗ ନ ଥିଲା କହିଲେ ଚଳେ। ବୋଧହୁଏ ମୋର ଅପାରଗତା ପାଇଁ ସ୍ୱୟଂ ଈଶ୍ୱର କୃପା କରି ମୋ' ପାଇଁ ବାଟଟି ଫିଟେଇଦେଲେ।

୧୯୯୩ ପୂଜାସଂଖ୍ୟା 'ଅମୃତାୟନ'ରେ ବାଲୁବଜାରର କେତେଜଣ ବିଶିଷ୍ଟ ପ୍ରକାଶକଙ୍କ ସାକ୍ଷାତ୍‌କାର ପ୍ରକାଶ ପାଇଥିଲା। ସେଥିରେ କେତେଜଣ କହିଥିଲେ, ତରୁଣ ଲେଖକମାନଙ୍କୁ ସେମାନେ ଅଗ୍ରାଧିକାର ଦିଅନ୍ତି। ତାକୁ ପଢ଼ି ମୁଁ ଦୁଇଜଣ ପ୍ରକାଶକଙ୍କୁ ଦୁଇଟି ଚିଠି ଲେଖିଲି ବହି ଛାପିବାର ଅନୁରୋଧ ଜଣାଇ। ସେମାନେ ହେଲେ 'ଗ୍ରନ୍ଥମନ୍ଦିର'ର ଅଭିରାମ ମହାପାତ୍ର ଏବଂ 'ଓଡ଼ିଶା ବୁକ୍ ଷ୍ଟୋର୍'ର ଗୋବିନ୍ଦ ଚରଣ ପାତ୍ର। ମୋର ସୌଭାଗ୍ୟ ଗୋଟିଏ ସପ୍ତାହ ଭିତରେ ମୁଁ ସେମାନଙ୍କଠାରୁ ଉତ୍ତର ପାଇଲି। ଶ୍ରୀ ମହାପାତ୍ର ଲେଖିଲେ, ତାଙ୍କ ପାଖରେ ପୂର୍ବରୁ ଗୁଡ଼ିଏ ପାଣ୍ଡୁଲିପି ଥିବାରୁ କିଛି ଦିନ ଅପେକ୍ଷା କରିବାକୁ ହେବ। ଶ୍ରୀ ପାତ୍ର ସମ୍ମତି ଜଣାଇ ଲେଖିଲେ, ଆପଣ ପାଣ୍ଡୁଲିପି ପ୍ରସ୍ତୁତ କରି ଆଣନ୍ତୁ। ସାକ୍ଷାତ୍‌ରେ କଥାବାର୍ତ୍ତା ହେବା। କୌଣସି ପରିଚୟ ବା ଯୋଗସୂତ୍ର ନ ଥାଇ ମାତ୍ର ଖଣ୍ଡିଏ ପୋଷ୍ଟକାର୍ଡ଼ରେ ଯେ ଏଭଳି ଏକ ଜଟିଳ ସମସ୍ୟାର ସରଳ ସମାଧାନ ହୋଇପାରେ, ଏ କଥା ମତେ ଚମତ୍କୃତ କଲା।





ବହୁ ବର୍ଷ ପରେ ମୁଁ ଜାଣିଲି ଯେ ଶ୍ରୀ ପାତ୍ର ତାଙ୍କର ପରିଚିତ କିଛି ବିଶିଷ୍ଟ ଲେଖକଙ୍କୁ ମୋ' କବିତା ସମ୍ପର୍କରେ ପଚାରି ଅନୁକୂଳ ମତାମତ ପାଇବା ପରେ ମତେ ଚିଠି ଲେଖିଥିଲେ। ଯା'ହେଉ କେତେ ମାସ ପରେ ମୁଁ ପାଣ୍ଡୁଲିପି ନେଇ 'ଓଡ଼ିଶା ବୁକ୍ ଷ୍ଟୋର୍' ଗଲି। ସେତେବେଳକୁ ତାଙ୍କ ସୁପୁତ୍ର ବିଜୟ ଶଙ୍କର ପାତ୍ର ପ୍ରକାଶନ ଖବର ବୁଝୁଥାଆନ୍ତି। ବରିଷ୍ଠ ପାତ୍ର ମତେ କନିଷ୍ଠ ପାତ୍ରଙ୍କ ସହ ପରିଚୟ କରାଇଦେଲେ ଓ ମୋ' ବହିର ଦାୟିତ୍ୱ ତାଙ୍କୁ ଦେଲେ। ୧୯୯୫ ଜାନୁୟାରୀ ପହିଲା ନୂଆବର୍ଷରେ ମୋର ପ୍ରଥମ କବିତା ସଂକଳନ 'ନିଜ ନିଜ ଆକାଶ' ସୂର୍ଯ୍ୟାଲୋକ ଦେଖିଲା। ପ୍ରକାଶକଙ୍କ କହିବା ଅନୁସାରେ ତାଙ୍କ ଅନୁଷ୍ଠାନର ଇତିହାସରେ ଏତେ କମ୍ ଦିନରେ ବହିଟିଏ ବାହାର କରିବାରେ ଇଏ ଥିଲା ଦ୍ୱିତୀୟ ଘଟଣା। ଯେବେ ବି ମୁଁ ମୋ' ପ୍ରଥମ ବହିର ଜନ୍ମସ୍ମୃତି ମନେପକାଏ ଶ୍ରୀ ପାତ୍ରଙ୍କର ସରଳ ଅମାୟିକ ଚେହେରା ମୋ' ଆଖି ଆଗକୁ ଆସେ। ଆଜି ସେ ନାହାନ୍ତି। ହେଲେ 'ନିଜ ନିଜ ଆକାଶ' ଅଛି। ମୁଁ ତାଙ୍କୁ ପ୍ରଣାମ କରୁଛି ଏବଂ ପ୍ରଥମ ବହିର ସମସ୍ତ ଶ୍ରେୟ ତାଙ୍କୁ ହିଁ ଦେଉଛି।

ପ୍ରଥମ ବହି ମୋତେ ନୂଆ ଏକ ପରିଚୟ ଦେଲା। ବହିଟି ପଢ଼ି କେତେ ଲୋକ କେତେ ତାରିଫ୍ କଲେ। ହଁ, ବହିଟିର ପ୍ରଚ୍ଛଦ ଆଙ୍କିଥିଲେ ବିଶିଷ୍ଟ ଚିତ୍ରଶିଳ୍ପୀ ଅସୀତ୍ ମୁଖାର୍ଜୀ। ପ୍ରଥମ ବହିର ଅନୁଭୂତି ସବୁ ଲେଖକଙ୍କ ପାଇଁ ନିଆରା। ଏ କଥାକୁ କୌଣସି ଦିନ ଅସ୍ୱୀକାର କରି ହେବନି। କେବେକେବେ 'ନିଜ ନିଜ ଆକାଶ'ର ପୃଷ୍ଠା ଲେଉଟାଇଲେ ମତେ ତହିଁରେ ମୋ' ନିଜ ଆକାଶ ଦୃଶ୍ୟମାନ ହୁଏ, ଆଉ ମୁଁ ହଜିଯାଏ ସେ ଆକାଶୀ ମାୟାରେ।

# ଭାଷା ତ ଅକ୍ଷରରେ ଗଢ଼ା, ସେ' ବା ମରିବ କେମିତି ?




ମହାଶୟ,

* ଶୀତୁଆ ସକାଳର ସୁନେଲି ସୂର୍ଯ୍ୟକିରଣରେ ଦିହ ଉଷୁମଉଁଥିବା ପୁଷି ମାଉସୀ ମେଷ ଓ ଗଜରାଜକୁ ପାଖାପାଖି 'ସାହିତ୍ୟାୟନ' ପ୍ରଚ୍ଛଦରେ ଦେଖି ମନ ଭରିଗଲା। 'ପ୍ରଥମ ବହି'ରେ ସୀତେଶବାବୁଙ୍କ ନାଟକ 'ସୁଜନେ ଶୁଣ କଥା ସାର'ରେ ଉଷ୍ମତା ଭରିଦେଇଛନ୍ତି- ଦର୍ଶକ ପ୍ରାଣରେ। ବଙ୍ଗଳା କବି ବାଙ୍ଗୁର ଆଭେନ୍ୟୁର ନୀରେନ୍ଦ୍ର ବାବୁ ବାସ୍ତବରେ ଏକ ଶକ୍ତିଶାଳୀ ପ୍ରତିଭା, 'ଭାଷା ତ ଅକ୍ଷରରେ ଗଢ଼ା ସେ' ବା ମରିବ କେମିତି?' ଡ. ସୀତାକାନ୍ତ ନୀରେନ୍‌ଦା'ଙ୍କ ସହ ମାଛ କିଣିବା ଓ କବିତା ଚର୍ଚ୍ଚା ପଢ଼ି ଜାଣିହେଲା- ଏ କବିମାନଙ୍କର ପ୍ରାଣ କେତେ ସରଳ, ସ୍ୱଚ୍ଛ ଓ ସାବଲୀଳ। ଗାଳ୍ପିକା ଲକ୍ଷ୍ମୀ ଚାନ୍ଦ୍ ଶେଷ ପର୍ଯ୍ୟନ୍ତ ଅମିଷାର 'ଚୋରି ଯାଇଥିବା ବାସ୍ନା'କୁ ଫେରେଇ ପାରିଲେନି, ସେଥିପାଇଁ ବୋଧେ ଅମିଷା ବରୁଣକୁ ଛାଡ଼ି ଚିରଦିନ ଲାଗି ଚାନ୍ଦ ହୋଇଗଲା- ଜଗିବାକୁ ମଲ୍ଲୀର ବାସ୍ନା। ହଂସବାବୁ ଅଡୁଆ ଭିତରେ 'ଡର' ପରି ମୁସ୍କିଲ୍‌କୁ ପୂରେଇ ଦାସବାବୁଙ୍କ କାଶ ଉଠେଇ ଦେଲେ। ଶରତବାବୁ ଆପଣ ଯଦି ଡାକ୍ତର ରଘୁ ମିଶ୍ରଙ୍କ ପରି ଦେବପ୍ରତିମ ଚିକିତ୍ସକଙ୍କୁ ଜେଲଖାନା ପଠେଇବେ, ତେବେ ପରୋପକାର କିଏ ବା କାହିଁକି କରି ଜାଣୁଜାଣୁ ବିପଦକୁ ଡାକିବ? ଡାକ୍ତର ସଚ୍ଚିଦାନନ୍ଦବାବୁଙ୍କ 'ଦୃଷ୍ଟି'ରେ ଦୃଷ୍ଟିଶକ୍ତି ନ ଥିଲେ କଅଣ ହେବ, କିନ୍ତୁ କଳ୍ପନାର ଦୃଷ୍ଟି ବେଶ୍ ଶକ୍ତିଶାଳୀ। 'ଅମଳକାନ୍ତି', 'ସାରାରାତି', 'ସ୍ୱପ୍ନ'ରେ, 'ପାନଶାଳା'ରେ ରହିଲା, ତଥାପି 'ଡେରି ହେଇନାହିଁ', 'ଋଷିକେଶ' ଯିବାକୁ! କବିତା ପୃଷ୍ଠାର ''ଆମେ ଯିଏ ଯାହା ଚାହିଁଥିଲୁ, ଅନ୍ଦ୍ରେ ବହୁତେ ସେଇୟା ହେଲୁ, ଖାଲି ଅମଳକାନ୍ତି ଛଡ଼ା।'' ଏ ପଙ୍‌କ୍ତି କବି ନୀରେନ୍ଦ୍ର ଚକ୍ରବର୍ତ୍ତୀଙ୍କୁ ଆଜୀବନ ଅମର କରି ରଖିବ। 'ଭାରତବର୍ଷ'ର ଚେତନାର ଦିଗ୍‌ବଳୟରେ 'ବିଦୀର୍ଣ୍ଣ ବସୁଧା' ପାଇଁ ସଂଗ୍ରାମ ସରିନାହିଁ। ଠିକ୍ 'କଫି ବାମ୍ପରେ ଜୀବନ' ପରି ଊର୍ଦ୍ଧ୍ୱଗାମୀ, 'ସାହିତ୍ୟାୟନ' ପରିବାର ତଥା ସମ୍ପାଦନା ମଣ୍ଡଳୀ ସହ ସୁଧୀପାଠକ ମହଲଙ୍କୁ ନବବର୍ଷ 'ଦି'ହଜାର ଉଣେଇଶ'ର ଉଷ୍ମ ଅଭିନନ୍ଦନ ଓ ଶୁଭକାମନା।

*– ଶ୍ରୀମତୀ ସୁସ୍ମିତା ପୁରୋହିତ,*
*ସଦେଇପାଲି ନୂଆ କଲୋନୀ, ବୁର୍ଲା, ସମ୍ବଲପୁର*

* 'ସାହିତ୍ୟାୟନ' (ଜାନୁୟାରୀ ୯-୨୨)ରେ ପ୍ରକାଶିତ ହଂସନାଥ ମୁଦୁଲିଙ୍କ ମିନିଗପ 'ଡର' ପୋଲିସଙ୍କୁ ଦାସବାବୁ ଉତ୍ତମ ଜଳଯୋଗରେ ଆପ୍ୟାୟିତ କରିଥିଲେ ବି ପୁଣି ପରେ ଆସିବାର ଉତ୍କଣ୍ଠା ତାଙ୍କ ମନରେ 'ଡର' ହୋଇ ରହିଛି। ସଚ୍ଚିଦାନନ୍ଦ ଶତପଥୀଙ୍କ ଲଘୁଗପ 'ଦୃଷ୍ଟି'ରେ ସମୁଦ୍ରକୂଳରେ- ନିଜ ଦୃଷ୍ଟିରେ ସୁନ୍ଦର ଦିଶୁଥିବା ଝିଅଟି ଯେ ଦୃଷ୍ଟିଶକ୍ତିହୀନା, ଜାଣିହୁଏ ଉପସଂହାରରେ। ଅବଶ୍ୟ ଫଟୋଚିତ୍ରରେ ଝିଅଟି ଚଷମା ପରିହିତା। 'ହାୟରେ କପାଳ'ରେ ନାଁକରା ଜଣାଶୁଣା ଡାକ୍ତର ରଘୁନାଥ ମିଶ୍ର କର୍ତ୍ତବ୍ୟର ଦୋଛକିରେ ପଡ଼ି ଭଲକରି ଭେଲ ହୋଇଛନ୍ତି, ଗିରଫ ହୋଇ ଗାଳ୍ପିକ ଶରତ କୁମାର ରାଉତ ଏହା ଠିକ୍‌ଭାବେ ଉପସ୍ଥାପିତ କରିଛନ୍ତି। ଲକ୍ଷ୍ମୀ ଚାନ୍ଦ୍‌ଙ୍କ ବିଶେଷ ଗଳ୍ପ 'ଚୋରି ଯାଇଥିବା ବାସ୍ନା'ରେ ଅମିଷା ଓ ବରୁଣ ମଲ୍ଲୀବାସ୍ନା ଓ ରଜନୀଗନ୍ଧା ବାସ୍ନାରେ ସୁଗନ୍ଧିତା। ମାତ୍ର ଜଣକ ଅବର୍ତ୍ତମାନରେ ରଜନୀଗନ୍ଧା ବାସ୍ନା ଆସିଲା କୁଆଡୁ, ଏହା ହିଁ ଗପର କ୍ଲାଇମାକ୍ସ। 'ବଙ୍ଗ କବିତାର ଅଖଣ୍ଡ ଦୀପ! କବି ନୀରେନ୍ଦ୍ରନାଥ ଚକ୍ରବର୍ତ୍ତୀ' ଦେଶର ସାହିତ୍ୟାକାଶରୁ କକ୍ଷଚ୍ୟୁତ ତାରକାସମ ଅଦୃଶ୍ୟ ହେଲେ ବି ସ୍ୱୀକୃତି ଯୋଗୁ ସର୍ବଦା ଦୃଶ୍ୟମାନ ହୋଇ ରହିବେ। ଆମ ରାଜ୍ୟର ଜ୍ଞାନପୀଠ ପୁରସ୍କାର ବିଜେତା ବରେଣ୍ୟ କବି ଡ. ସୀତାକାନ୍ତ ମହାପାତ୍ରଙ୍କ ଲେଖା- 'ନୀରେନ୍ଦ୍ରନାଥ ଚକ୍ରବର୍ତ୍ତୀ! ଏଜ୍ ଆଇ ନୋ ହିମ୍'ର ଓଡ଼ିଆ ଭାଷାନ୍ତର ଅତି ସୁନ୍ଦର। ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ଚଳିତ ସଂଖ୍ୟାରେ ବକ୍ସ ମଧ୍ୟରେ ସ୍ଥାନ ପାଇଛି ତାଙ୍କର ଏକ କବିତା 'ଅମଳକାନ୍ତି'। ଡ. ହୃଷୀକେଶ ମଲ୍ଲିକ ଏହାର ଅନୁବାଦକ। ସୀତେଶ ତ୍ରିପାଠୀ 'ପ୍ରଥମ ବହି' ସ୍ତମ୍ଭରେ ତିନୋଟି ନାଟକ ସତର ବର୍ଷ ପୂର୍ବେ ଛାପିଥିଲେ। ସତ୍ୟବାଦୀ, ତୀରତରଙ୍ଗ ପତ୍ରିକାରେ ପୁନଃ ଉପନ୍ୟାସ ହୋଇ ବୁମେରାଂ ପରି ଫେରିଆସିଥିଲା ନିଜ ନିକଟକୁ। ଦଶବର୍ଷ ତଳେ ରଶ୍ମିରଞ୍ଜନ ସାହାଣୀ 'ଆମରି କଥା' ଦୈନିକରେ ଲେଖିଥିଲେ 'ଧନିଆ ଆଖିରେ ଲୁହ', ଯାହା ଏବେ ବି ପଢ଼ିଲେ ଆଖିରେ ଲୁହ ଆସେ। 'ପୁସ୍ତକ ପରିଚୟ'ରେ ରମେଶ ପଟ୍ଟନାୟକଙ୍କ 'କଫି ବାମ୍ପରେ ଜୀବନ', ଭରତ ବେହେରାଙ୍କ 'ଭରତବର୍ଷ', ବିଶ୍ୱଭୂଷଣ ହରିଚନ୍ଦନଙ୍କ ଆତ୍ମଜୀବନୀ 'ସଂଗ୍ରାମ ସରିନାହିଁ' ବେଶ୍ ପାଠକୀୟ ସ୍ୱୀକୃତି ଲାଭ କରିବ ବୋଲି ଆଶା।

*– ପ୍ରତାପ ଚନ୍ଦ୍ର ପାଢ଼ୀ, ଆଙ୍କୋଲୀ, ବ୍ରହ୍ମପୁର, ଗଞ୍ଜାମ*

* ଜାନୁୟାରୀ ୯-୨୨ ସଂଖ୍ୟା 'ସାହିତ୍ୟାୟନ' ପାଠକଲି। ସୁନ୍ଦର, ସୁଶୋଭିତ ପ୍ରଚ୍ଛଦପଟ ସମ୍ବଳିତ ଉକ୍ତ ପତ୍ରିକାର ପ୍ରତିଟି ଲେଖା ବେଶ୍ ଉପଭୋଗ୍ୟ ତଥା ମନଛୁଆଁ ହୋଇପାରିଛି। ଏଥର 'ପ୍ରଥମ ବହି'ର ସ୍ମୃତିଚାରଣ କରି ନିଜର ଅଙ୍ଗେନିଭା ଅନୁଭୂତି ବଖାଣିଥିବା ସୀତେଶ୍ ତ୍ରିପାଠୀଙ୍କ ମତାମତ ପଢ଼ି ବହୁତ ଖୁସି ଲାଗିଲା। ଆଶା ଆଶଙ୍କାର ଦୋଛକିରେ ମନରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି ହୁଏ, ତାହାର ନାମ ଡର। ସେଇ 'ଡର'କୁ ନେଇ ହଂସନାଥ ମୁଦୁଲିଙ୍କ ମିନିଗଳ୍ପ ବେଶ୍ ଉଚ୍ଚକୋଟୀର ହୋଇପାରିଛି। ତତ୍‌ସହିତ ଏକ ସମ୍ବେଦନଶୀଳ ମନଲାଖି କାହାଣୀକୁ ଆଧାର କରି ସଚ୍ଚିଦାନନ୍ଦ ଶତପଥୀଙ୍କ ଲଘୁଗଳ୍ପ 'ଦୃଷ୍ଟି' ବେଶ୍ ରୋମାଣ୍ଟିକ୍ ତଥା ହୃଦୟଗ୍ରାହୀ। 'କପାଳ ଲିଖନ, କେ କରିବ ଆନ' ନ୍ୟାୟରେ ଶରତ କୁମାର ରାଉତଙ୍କ ଗଳ୍ପ 'ହାୟରେ କପାଳ' ମଧ୍ୟ ଉଚ୍ଚକୋଟୀର। ସତରେ 'ସାହିତ୍ୟାୟନ' ଉତ୍ସାହପ୍ରଦ ଓ ଯୁବପିଢ଼ିଙ୍କ ଲେଖନୀର ଭରସା ପାତ୍ର।

**– ବିନୋଦ ବିହାରୀ ବେହେରା,**
**ଗୋଶାଳା ରୋଡ, ନୂଆବଜାର, କଟକ**

* ଜାନୁୟାରୀ ୯ରୁ ୨୨ ତାରିଖଯାଏଁ 'ସାହିତ୍ୟାୟନ' ପ୍ରାପ୍ତି ମାତ୍ରକେ ପାଠକଲି। ଏଥର ବଙ୍ଗଳାର ପ୍ରଥିତଯଶା କବି ନୀରେନ୍ଦ୍ର ଚକ୍ରବର୍ତ୍ତୀଙ୍କ କବିତ୍ୱ ଜୀବନକୁ ସୁନ୍ଦର ସାବଲୀଳ ଭାଷାରେ ବର୍ଣ୍ଣନା କରିଥିବାରୁ ଅନୁବାଦକ ଧନ୍ୟବାଦର ପାତ୍ର। କବି ସୀତାକାନ୍ତ ମହାପାତ୍ର ନୀରେନ୍ ଚକ୍ରବର୍ତ୍ତୀଙ୍କ କବିତ୍ୱ ଚାତୁରୀ ଏବଂ ତାଙ୍କର ବ୍ୟକ୍ତିଗତ ଜୀବନ ଉପରେ ଯାହା ବର୍ଣ୍ଣନା କରିଛନ୍ତି, ତାହା ତାଙ୍କ ଅନୁଭୂତିରେ ରସାଣିତ। କବିଙ୍କ ରଚିତ 'ଅମଳକାନ୍ତି' କବିତା ଭାରତୀୟ କବିତାରେ ଏକ ସ୍ୱର୍ଣ୍ଣିମ ସ୍ୱାକ୍ଷର। ଡର, ଦୃଷ୍ଟି, ହାୟରେ କପାଳ ଆଦି ଲେଖାଗୁଡ଼ିକ ଖୁବ୍ ସବଳ। ଆଖିରୁ ଲୁହ ଝରିଯିବା କବିତା, ଗପ ପ୍ରକାଶ କରନ୍ତୁ, ପାଠକେ ପଢ଼ିବେ।

**– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର,**
**ସତ୍ୟବାଦୀ, ପୁରୀ**

* ୯ ଜାନୁୟାରୀ, ୨୦୧୯ରେ ପ୍ରକାଶିତ 'ସାହିତ୍ୟାୟନ' ପତ୍ରିକା ପାଠକଲି। ବିଶେଷ ଗଳ୍ପ ପୃଷ୍ଠାରେ ଗାଳ୍ପିକା ଲକ୍ଷ୍ମୀ ଚାନ୍ଦ୍‌ଙ୍କ ଲିଖିତ 'ଚୋରିଯାଇଥିବା ବାସ୍ନା' ଗଳ୍ପଟି ଉଚ୍ଚକୋଟୀର ତଥା ଶିକ୍ଷଣୀୟ। କବିତା ପୃଷ୍ଠାରେ ସୁଶୀଲ କୁମାର ପାଣିଗ୍ରାହୀଙ୍କ 'ଡେରି ହେଇନାହିଁ' ଏବଂ ଆଭା ମିଶ୍ରଙ୍କ 'ସ୍ୱପ୍ନ' କବିତାଦ୍ୱୟ ମର୍ମସ୍ପର୍ଶୀ। ପୃଷ୍ଠା ୩ରେ ସ୍ଥାନିତ 'ଭାରତ-ଭାରତୀ'ରୁ କବି ନୀରେନ୍ଦ୍ରନାଥ ଚକ୍ରବର୍ତ୍ତୀଙ୍କ ବ୍ୟକ୍ତିଗତ ତଥା ସାହିତ୍ୟିକ ଜୀବନୀ ସମ୍ପର୍କରେ ଅନେକ କିଛି ଜାଣିହେଲା।

*– ବିଜୁ ସାହୁ, ଖଣ୍ଡାଏତା, କଟକ*

ସାହିତ୍ୟାୟନ

**ଲେଖା ପଠାଇବାର ଠିକଣା**

ସମ୍ପାଦକ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
email: dharitrisahityayana@gmail.com

ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

ସ୍ମୃତି-ଅନୁଭୂତି

# ଅନ୍ତିମ ସ୍ୱର

ମୂଳହିନ୍ଦୀ: ଡା. ସୁଶୀଳା ମିତଲ
ଅନୁବାଦ : ଡ. ତ୍ରିନାଥ ପଟ୍ଟନାୟକ

ଇନ୍ଦିରା ଗାନ୍ଧୀଙ୍କ ସହ ଓଡ଼ିଶାର ସମ୍ପର୍କ ବେଶ୍ ଆବେଗମୟ। ତେବେ ଓଡ଼ିଶାବାସୀଙ୍କ ପାଇଁ ଇନ୍ଦିରା ଆହୁରି ସ୍ମରଣୀୟ ହୋଇଗଲେ ତାଙ୍କର ଆକସ୍ମିକ ମୃତ୍ୟୁ କାରଣରୁ। ୩୦ ଅକ୍ଟୋବର ୧୯୮୪ ମସିହାରେ ସେ ଭୁବନେଶ୍ୱରର ପରେଡ୍ ପଡ଼ିଆରେ ନିଜର ଶେଷତମ ଭାଷଣ ପ୍ରଦାନ କରିଥିଲେ। ତାଙ୍କ ଭାଷଣରେ ଏକ ଗୁରୁତ୍ୱପୂର୍ଣ୍ଣ ଧାଡ଼ି ଥିଲା– ‘‘ମୁଁ ଜୀବିତ ରହେ ବା ନ ରହେ, ଦେଶସେବାରେ ସାରାଜୀବନକୁ ନିୟୋଜିତ କରିପାରିଥିବାରୁ ଗର୍ବିତ। ଏଥିପାଇଁ ପ୍ରାଣ ଦେବାକୁ ମୁଁ ପ୍ରସ୍ତୁତ। ମୋର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ମୁଁ ମୋର ପ୍ରତି ରକ୍ତବିନ୍ଦୁ ଦେଶବାସୀଙ୍କ ସେବାରେ ଲଗାଇବି।’’ ଏହାର ଠିକ୍ ପରଦିନ ସେ ନିଜ ସୁରକ୍ଷାକର୍ମୀଙ୍କ ଦ୍ୱାରା ନିହତ ହୋଇଥିଲେ। ଜଣେ ଲେଖିକା ସୁଶୀଳା ମିତଲ ଇନ୍ଦିରା ଗାନ୍ଧୀଙ୍କ ସହ ତାଙ୍କର ଶେଷ ସାକ୍ଷାତ୍ ଓ କଥାବାର୍ତ୍ତାର ଅନୁଭୂତି ଏହି ଲେଖାଟିରେ ଲିପିବଦ୍ଧ କରିଛନ୍ତି।

ମୋ କାହାଣୀ ସଂକଳନ ‘ସିସିକତୀ ଲୌ’ ପ୍ରକାଶ ପାଇ ସାରିଥିଲା। ଦିଲ୍ଲୀରେ ମାମୁଘରେ ରହୁଥାଏ। ମୋ’ ମାଈଁ ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ। ୧୯୪୨ରେ ସେ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ସହଯୋଗ କରିଥିଲେ, ପୁରସ୍କାର ସ୍ୱରୂପ ତାଙ୍କୁ ଛ’ମାସ ଜେଲ୍ ଭୋଗିବାକୁ ପଡ଼ିଥିଲା। ମୋ’ ମାମୁ ହେଉଛନ୍ତି ଦିଲ୍ଲୀର ଜଣେ ଧନାଢ଼୍ୟ ବ୍ୟବସାୟୀ, ଆଉ ମାଈଁ ଥିଲେ ଜଣେ ସୁରୁଚିସମ୍ପନ୍ନା ମହିଳା। ସ୍ୱାଧୀନତା ମିଳିବା ପରେ ମଧ୍ୟ ସେ ସମାଜସେବାକୁ ନିଜର ବୃତ୍ତି ରୂପେ ଗ୍ରହଣ କରି ନେଇଥିଲେ। ଫଳରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ସହିତ ତାଙ୍କର ମିତ୍ରତା ଥିଲା। ସେ କେବେକେବେ ଇନ୍ଦିରା ଗାନ୍ଧୀଙ୍କ ଘରକୁ ମଧ୍ୟ ଯିବାଆସିବା କରୁଥିଲେ।

ଦିନେ ମୁଁ ଭୟ ଓ ସଙ୍କୋଚର ସହିତ ମାଈଁଙ୍କୁ କହିଲି– ମାଈଁ, ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଭେଟିବା ପାଇଁ ଇଚ୍ଛା ହେଉଛି। ଅନ୍ତତଃ ଥରେ କେମିତି ତାଙ୍କର ଦର୍ଶନ ହୋଇପାରନ୍ତା।

ମାଈଁ ସଙ୍ଗେସଙ୍ଗେ ଉତ୍ତର ଦେଲେ– ପାଗଳୀ, ଏବେ ସେ ଆଉ ପ୍ରଧାନମନ୍ତ୍ରୀ ନାହାନ୍ତି। କେବଳ ଶ୍ରୀମତୀ ଇନ୍ଦିରା ଗାନ୍ଧୀ।

ମୁଁ ବିବ୍ରତ ଭାବେ ଉତ୍ତର ଦେଲି– ତାଙ୍କର ପଦ ପଦବୀ ଆସନ ସହିତ ସମ୍ପର୍କ କ’ଣ ? ମୁଁ କେବଳ ଇନ୍ଦିରା ଗାନ୍ଧୀଙ୍କୁ ସାକ୍ଷାତ୍ କରିବାକୁ ଚାହୁଁଛି।

ବାସ୍ତବରେ ୧୯୭୧ ମସିହା ବଙ୍ଗଳା ଯୁଦ୍ଧ ପରେ ମନେମନେ ମୁଁ ତାଙ୍କୁ ଝାନ୍ସି ରାଣୀ ଲକ୍ଷ୍ମୀବାଈ ବୋଲି ଧରି ନେଇଥିଲି। କି ଅଦମ୍ୟ ସାହସ ! କେତେ ବିଚକ୍ଷଣ ବୁଦ୍ଧିସମ୍ପନ୍ନା ଏହି ମହିଳା। ସେଥିପାଇଁ ଖୁବ୍ ନିକଟରୁ ତାଙ୍କୁ ଦେଖିବାକୁ ମୁଁ ଚାହୁଁଥିଲି। ଯାହାହେଉ, ମୋର ପରମ ସୌଭାଗ୍ୟ ସେଇ ସମୟରେ ସେ ପ୍ରଧାନମନ୍ତ୍ରୀ ନ ଥିଲେ। ୧୯୭୭ ନିର୍ବାଚନରେ ସେ ହାରି ଯାଇଥିଲେ। ସଫଦରଜଙ୍ଗର ସରକାରୀ ଆବାସ ଛାଡ଼ି ଅନ୍ୟ ଏକ ଘରେ ରହୁଥିଲେ। ଏଇଥିପାଇଁ ମୁଁ ନିଜକୁ ଭାଗ୍ୟଶାଳୀ ମନେକରେ ଯେ, ଯଦି ଇନ୍ଦିରାଜୀ ପ୍ରଧାନମନ୍ତ୍ରୀ ଥାଆନ୍ତେ ; ତେବେ ତାଙ୍କର ଯେପରି ବ୍ୟସ୍ତବହୁଳ ଜୀବନ, ସେଥିରେ ମୋର ସାକ୍ଷାତ୍ କରିବାର କଳ୍ପନା ଆକାଶ କୁସୁମରେ ପରିଣତ ହୋଇଥା’ନ୍ତା। ସେ ତ କ୍ଷଣେ ସୁଦ୍ଧା ସମୟ ଦେଇ ପାରି ନ ଥା’ନ୍ତେ। ତାଙ୍କ ପାଖକୁ ଯିବା ପାଇଁ କ’ଣ ଅନୁମତି ମିଳିଥାନ୍ତା ! ତୁଳସୀ ଦାସଙ୍କ ରାମଚରିତ ମାନସରେ ରାମ ବନଗମନ ବିଷୟରେ ଏକ ପ୍ରସଙ୍ଗ ଆସେ। ରାମଚନ୍ଦ୍ରଙ୍କୁ ରାଜସିଂହାସନ ମିଳିବା ଅବସରରେ ତାଙ୍କୁ ଚଉଦବର୍ଷ ବନବାସ ମିଳିଲା। ଅଚାନକ ଏହି ବଜ୍ରପାତରେ ଅଯୋଧ୍ୟାର ବହୁ ଲୋକ ଦୁଃଖୀ ହେଲେ, କିନ୍ତୁ ବନବାସୀମାନେ ବହୁତ ଖୁସି ହେଲେ।

ତୁଳସୀ ଦାସ କହିଛନ୍ତି, ତୁମମାନଙ୍କ ନିମନ୍ତେ ହିଁ ରାମ ବନବାସକୁ ଯାଉଛନ୍ତି, ଅନ୍ୟ କାରଣ କିଛି ନୁହେଁ। ରାଜାରାମ, ମର୍ଯ୍ୟାଦାପୁରୁଷ ରାମଙ୍କ ସହିତ ମିଶିବା, କେବଳ ଅସମ୍ଭବ ନୁହେଁ, ଅତି କଠିନ କଥା। ରାମ ସନ୍ନ୍ୟାସୀ ହୋଇ ନ ଥିଲେ, ଏଇ ବନବାସୀମାନେ କ’ଣ ଏତେ ସହଜରେ ରାଜନବରରେ ସାକ୍ଷାତ୍ କରିପାରିଥାନ୍ତେ ?

ସେଥିପାଇଁ ମୁଁ ବହୁତ ଖୁସି, ଇନ୍ଦିରାଜୀଙ୍କୁ ବୋଧେ ସାକ୍ଷାତ୍ କରିପାରିବି। ଅଶେଷ ଆଗ୍ରହ ସହ ବହୁ ଅନୁନୟ ବିନୟ ପରେ ମାଈଁ ରାଜି ହୋଇଗଲେ। ଆଉ କହିଲେ– ‘ହଉ, ଇନ୍ଦିରାଜୀଙ୍କ ସଙ୍ଗେ ତୋତେ ଭେଟ କରାଇଦେବି।’

ଦିନେ ସକାଳୁ ସକାଳୁ ମାଈଁଙ୍କ ସହିତ ଇନ୍ଦିରାଜୀଙ୍କ ଘରେ ପହଞ୍ଚିଗଲି। ଦେଖିଲି, ଜଣେ ମହିଳା ଫୁଲପକା ଧଳା ଖଦଡ଼ ଶାଢ଼ି, ପୂରା ହାତ ବ୍ଲାଉଜ୍ ପିନ୍ଧି ବାରଣ୍ଡା ଝାଡୁ କରୁଛନ୍ତି। ମାଈଁ ପାଖରେ ପହଞ୍ଚି ହାତରୁ ଝାଡୁ ଛଡ଼ାଇ ନେଲେ। ମହିଳା ଜଣକ ଚକିତ ହୋଇ ଠିଆ ହୋଇଗଲେ। ହସିହସି କହିଲେ– ଆସ ମିସେସ୍ ଗୁପ୍ତା। ମାଈଁ ତାଙ୍କୁ ଆଲିଙ୍ଗନ କରି ଅଭିବାଦନ କଲେ। ମୁଁ କିଂକର୍ତ୍ତବ୍ୟବିମୂଢ଼ ହୋଇ ଠିଆ ହୋଇଥାଏ। କ’ଣ କରିବି ମୋ’ ମୁଣ୍ଡ କାମ କରୁ ନ ଥାଏ। ସତେ ଯେମିତି ମୁଁ ଜଣେ ପାଗଳୀ ! ମାଈଁଙ୍କଠାରୁ ଇସାରା ପାଇବା ପରେ ଭଦ୍ର ମହିଳାଙ୍କର ପାଦଛୁଇଁ ପ୍ରଣାମ ଜଣାଇଲି।

ଏ କ’ଣ ଦେଖୁଛି ! ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ହାତରେ ଝାଡୁ ! ଯେଉଁ ହାତ ଲାଲକିଲାର ଜାତୀୟ ପତାକା ଉତ୍ତୋଳନ କରୁଥିଲା, ସେଇ ହାତରେ ପୁଣି ଝାଡୁ। କିଛି ସମୟ ପରେ ମୁଁ ସମ୍ବିତ୍ ଫେରି ପାଇଲି। ମୁଁ ମନେମନେ ଭାବିଲି ରାଷ୍ଟ୍ରର ଶାସନ ଡୋରି ଯେଉଁ ହାତରେ ସେ ସମ୍ଭାଳିଥିଲେ, ସେଇ ହାତ ପୁଣି ଝାଡୁ ଧରିପାରେ, ଏ କି ପ୍ରକାର ବିଡ଼ମ୍ବନା !

ମୋ’ ମନର ଦ୍ୱିଧାକୁ ସେ ଧରିନେଲେ। ସ୍ମିତ ହସି କହିଲେ– ଯେଉଁ ହାତ ଝାଡୁ ଧରିବାରେ ସମର୍ଥ ହୋଇନାହିଁ, ସେଇ ହାତ ରାଷ୍ଟ୍ରର ଡୋରି କେମିତି ଧରିପାରିବ ?

ମୁଁ ମୋ’ ଦ୍ୱାରା ଲିଖିତ ପୁସ୍ତକକୁ ତାଙ୍କୁ ସମର୍ପଣ କଲି। ପୁସ୍ତକର ନାଁଟି ଥିଲା–‘ସିସକତୀ ଲୌ’। ବହିଟି ଦେଖି ତୃପ୍ତିର ହସ ହସିଲେ, ଆଉ କହିଲେ– ‘‘ଏ ବହିଟିର ନାଁ ‘ବିହସତୀ ଲୌ’ କାହିଁକି ରଖିଲ ନାହିଁ ? ଦୀପଶିଖା କେବେ କାନ୍ଦେନା, ବରଂ ଶିଖା ସବୁବେଳେ ହସେ। ଦେଖ ମୁଁ ନିର୍ବାଚନ ହାରିଗଲି, ତଥାପି ହସୁଛି।’’ ବହୁତ ଜୋର୍‌ରେ ସେ ଖିଲିଖିଲି ହୋଇ ହସି ଉଠିଲେ। ମୋ’ ପିଠି ଥାପୁଡ଼ାଇଲେ। ମୁଁ ମନ୍ତ୍ରମୁଗ୍ଧ ଭାବେ ତାଙ୍କ ସ୍ନେହର ପରଶକୁ ଅନୁଭବ କରୁଥାଏ। ପ୍ରାୟ ୪୫ ମିନିଟ୍ କାଳ ତାଙ୍କ ସାନ୍ନିଧ୍ୟ ଲାଭ କଲି। ସେତେବେଳେ ମୋର ବିହ୍ୱଳ ଅବସ୍ଥା। ଫେରିଲା ବେଳେ ସେ କହିଲେ– ସୁଶୀଳାଜୀ, ନିଜ ଠିକଣା ମୋ’ ସେକ୍ରେଟାରୀକୁ ଦେଇକରି ଯିବ। ମୁଁ ବହିଟି ପଢ଼ିସାରିଲା ପରେ ମୋ’ ମତାମତ ତୁମକୁ ଜଣାଇବି।

ଏଗାରବର୍ଷ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ରହିଥିବା ଇନ୍ଦିରା ଗାନ୍ଧୀ ବ୍ୟକ୍ତିଗତ ଜୀବନରେ ଏତେ ମହାନ୍, ଏତେ ବିନମ୍ର ହୋଇପାରନ୍ତି ; କଳ୍ପନାରେ ସୁଦ୍ଧା ଭାବି ନ ଥିଲି। ବିଧିର ବିଧାନ ୧୯୮୪, ଅକ୍ଟୋବର ମାସରେ ପୁଣିଥରେ ମାମୁଘରକୁ ଯିବାକୁ ପଡ଼ିଲା। ସେହି ସମୟକୁ ମୋ’ ମାମୁମାଈଁ ଦୁହିଁଙ୍କର ଦେହାନ୍ତ ହୋଇଯାଇଥାଏ। ମାମୁଘରେ ବସି ମନେମନେ ଭାବୁଥାଏ, ଆଜି ଯଦି ମୋ’ ମାଈଁ ବଞ୍ଚିଥାନ୍ତେ, ନିଶ୍ଚୟ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସହିତ ମୋର ସାକ୍ଷାତ୍ କରାଇ ଦେଇଥା’ନ୍ତେ। ଅକ୍ଟୋବର ୩୧ ତାରିଖ ସକାଳ ସମୟ। ସୂର୍ଯ୍ୟଙ୍କ କଅଁଳ ଖରା ଦିଲ୍ଲୀ ସହର ଉପରେ ଛାଇ ଯାଇଥାଏ। ଦୁଇ ପାଗଳ ଅଙ୍ଗରକ୍ଷକ ବିଶ୍ୱାସରେ ବିଷ ମିଶାଇ କୃତଘ୍ନ ହୋଇ ଉଠିଲେ। ଦେଶଦ୍ରୋହର ଅଦ୍ୱିତୀୟ ଉଦାହରଣ ସୃଷ୍ଟି କରିବାକୁ ଯାଇ ଶ୍ରୀମତୀ ଗାନ୍ଧୀଙ୍କ ଉପରକୁ ନିଜ ବନ୍ଧୁକରୁ ଅତି ପାଖରୁ ଗୁଳି ଚଳାଇଲେ। ବିଅନ୍ତ ସିଂହର ଗୁଳି ପ୍ରଧାନମନ୍ତ୍ରୀଙ୍କ ଛାତି କଣା କରି ଭାରତ ମାଟି ମା’ର ଛାତିରେ ପଶିଗଲା। ଇନ୍ଦିରା ଗାନ୍ଧୀ ଅମର ହୋଇଯିବା ସହିତ ଭାରତମାତା ଆହତ ହେଲେ।

ଏ କ’ଣ ଦେଖୁଛି ! ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ହାତରେ ଝାଡୁ ! ଯେଉଁ ହାତ ଲାଲକିଲାର ଜାତୀୟ ପତାକା ଉତ୍ତୋଳନ କରୁଥିଲା, ସେଇ ହାତରେ ପୁଣି ଝାଡୁ। କିଛି ସମୟ ପରେ ମୁଁ ସମ୍ବିତ୍ ଫେରି ପାଇଲି। ମୁଁ ମନେମନେ ଭାବିଲି ରାଷ୍ଟ୍ରର ଶାସନ ଡୋରି ଯେଉଁ ହାତରେ ସେ ସମ୍ଭାଳିଥିଲେ, ସେଇ ହାତ ପୁଣି ଝାଡୁ ଧରିପାରେ, ଏ କି ପ୍ରକାର ବିଡ଼ମ୍ବନା ! ମୋ’ ମନର ଦ୍ୱିଧାକୁ ସେ ଧରିନେଲେ। ସ୍ମିତ ହସି କହିଲେ– ଯେଉଁ ହାତ ଝାଡୁ ଧରିବାରେ ସମର୍ଥ ହୋଇନାହିଁ, ସେଇ ହାତ ରାଷ୍ଟ୍ରର ଡୋରି କେମିତି ଧରିପାରିବ ?

ଶେଷରେ ଦୁନିଆକୁ ଧର୍ମନିରପେକ୍ଷତାର ପାଠ ପଢ଼ାଉଥିବା ପ୍ରଧାନମନ୍ତ୍ରୀ ସ୍ୱୟଂ ଧର୍ମାନ୍ଧଙ୍କ ଗୁଳିର ଶିକାର ହୋଇଗଲେ। ମହାତ୍ମା ଗାନ୍ଧୀ, ଜନ୍ କେନେଡି, ମାର୍ଟିନ୍ ଲୁଥର୍‌ଙ୍କ ଧାଡ଼ିରେ ସାମିଲ ହୋଇଗଲେ। ଜର୍ଜ ବର୍ଣ୍ଣାଡ଼ ଶ’ ଆଜି ଯଦି ଜୀବିତ ଥାଆନ୍ତେ, ତେବେ ପୁଣିଥରେ କହିଥାନ୍ତେ– ‘‘ଇଟ ଇଜ୍ ଡେଞ୍ଜରସ୍ ଟୁ ବି ଟୁ ଗୁଡ୍।’’

ଯେତେବେଳେ ଛାତି ଚିରି ଗୁଳି ଭିତରକୁ ପଶୁଥିଲା, ସେତେବେଳେ ଏହି ବୀରାଙ୍ଗନା କହି ଉଠିଥିଲେ– ‘‘ଏ କ’ଣ କରୁଛ !’’ ସତେ ଯେମିତି ମୃତ୍ୟୁମୁଖର ଯାତ୍ରୀ ଶେଷଥର ପାଇଁ କହିଗଲେ– ହେ ଦେଶବାସୀ, ଏସବୁ କ’ଣ ହେଉଛି ! ତାହାଥିଲା ତାଙ୍କର ଶେଷ ଉଚ୍ଚାରଣ। ଏହା ପୂର୍ବରୁ ଓଡ଼ିଶାର ଭୁବନେଶ୍ୱରଠାରେ ସେ ସର୍ବଜନ ସମକ୍ଷରେ ନିଜ ଭାଷଣରେ କହିଥିଲେ– ମୋ’ ରକ୍ତର ଗୋଟିଏ ଗୋଟିଏ ବୁନ୍ଦା ଦେଶକୁ ନୂତନ ଦିଗ୍‌ଦର୍ଶନ ଦେବ। ଏହା ଥିଲା ତାଙ୍କ ଅନ୍ତରାତ୍ମାର ସ୍ୱର। ସତରେ କ’ଣ ତାଙ୍କୁ ମୃତ୍ୟୁର ପୂର୍ବାଭାସ ମିଳିଯାଇଥିଲା ! ଘର ଲୋକଙ୍କୁ ମଧ୍ୟ କହି ଯାଇଥିଲେ ୧୯ ନଭେମ୍ବରରେ ପଡୁଥିବା ଜନ୍ମଦିନକୁ ଏବର୍ଷ ପାଳନ ନ କରିବା ପାଇଁ। ଏଥିରୁ ପ୍ରତୀତ ହୁଏ ଯେ, ମୃତ୍ୟୁର ଅସ୍ପଷ୍ଟ ପଦଶବ୍ଦକୁ ସେ ଶୁଣିପାରୁଥିଲେ।

– ନିଆଳି, କଟକ

# ଅସମାଧିତ

– ମୀନାକ୍ଷୀ ଦେବୀ

ଟୁକୁନ୍ ସେଦିନ ତା’ ମା’କୁ ପଚାରିଲା ; ମାମା, ସୁଇଚ୍ ଅନ୍ କଲେ ତ ସବୁ ଆଲୁଅ ହେଇଯାଏ, ପାପା କ’ଣ କହୁଥିଲେ ‘‘ସୁଇଚନ ଅନ୍ କଲେ ସବୁ ଅନ୍ଧାର ହେଇଯିବ’’। ଚାରିବର୍ଷର କୁନିପୁଅକୁ କ’ଣ କହି ବୁଝେଇବେ ଶାଶ୍ୱତୀ !

ଆଜି ସକାଳେ ଖବରକାଗଜରୁ ପୃଥିବୀର ସବୁଠାରୁ ଚମକପ୍ରଦ ଏବଂ ବିପଦପୂର୍ଣ୍ଣ ଖବରଟି ପଢ଼ି ଦୀପକ ବଡ଼ପାଟିରେ ଡାକ ପକେଇଥିଲେ ଶାଶ୍ୱତୀଙ୍କୁ। ରୋଷେଇଘରେ ଜଳଖିଆ ତିଆରିରେ ବ୍ୟସ୍ତଥିବା ଶାଶ୍ୱତୀ ଗ୍ୟାସ୍ ବନ୍ଦକରି ଦୌଡ଼ିଆସିଥିଲେ ଖବରଟି ଶୁଣିବାକୁ। ଦୀପକ ସେଇମିତି ଚିଲେଇ ଚିଲେଇ କହୁଥିଲେ ଦେଖ... ଦେଖ... ଏମାନଙ୍କର ଯୁଦ୍ଧଖୋର ସ୍ୱଭାବକୁ...। ଦି’ଜଣଙ୍କ ପାଖରେ ପୁଳାଏ ଲେଖାଏଁ ପରମାଣୁ ବୋମା। ସେଇ ଟାଣରେ ଜଣେ କହୁଚି ମୁଁ ସୁଇଚ୍ ଅନ୍ କରିଦେଲେ ତୁମ ଦେଶ ଧ୍ୱଂସ ହେଇଯିବ... ଅନ୍ଧାର ହୋଇଯିବ। ଆଉ ଜଣେ କହୁଚି ମୋ ଟେବୁଲ୍ ତଳେ ସୁଇଚ ଅଛି। ମୁଁ ସୁଇଚ୍ ଅନ୍ କଲେ ତୁମ ଦେଶ ଉଡ଼ିଯିବ।’’ ବୁଝିଲ, ଲକ୍ଷ ଲକ୍ଷ ନିରୀହ ଲୋକ ଯେ ପୋକମାଛି ପରି ମରିଯିବେ, ଏକଥା କେହି ବୁଝୁ ନାହାନ୍ତି। ଖାଲି ନିଜର ଅହଂକାର... ନିଜର ବଡ଼େଇ। ଗୋଟିଏ ଭୟଭୀତ ଲୋକର ସ୍ୱରପରି ଦୀପକଙ୍କର ସ୍ୱର କ୍ରମଶଃ କ୍ଷୀଣ ହେଇ ଆସୁଥିଲା ସେଇ ଭୟଙ୍କର ମୁହୂର୍ତ୍ତର କଳ୍ପନା କରି।

ସ୍କୁଲ ଛୁଟି ଥିବାରୁ ଡ୍ରଇଂରୁମ୍ ସୋଫାରେ ବସି ନିଜର ଅଚଳ ରିମୋଟ କାର୍ ଉପରେ ବିଭିନ୍ନ ପରୀକ୍ଷା ନିରୀକ୍ଷା ଚଳେଇଥିବା ଟୁକୁନ୍‌ର ଆଖି ଥିଲା କାର୍ ଉପରେ, କିନ୍ତୁ କାନଥିଲା ପାପା–ମାମାଙ୍କ କଥାବାର୍ତ୍ତା ଆଡ଼େ। ଯୁଦ୍ଧ କ’ଣ, କାହିଁକି ହୁଏ ଏ ବିଷୟରେ ଶାଶ୍ୱତୀ କ’ଣ କହି ବୁଝେଇବେ ଟୁକୁନ୍‌କୁ ? କେମିତି କହିବ ଯେ ମଣିଷ ଆଜି ଭସ୍ମାସୁର ସାଜିଛି। ଯେଉଁ ଶକ୍ତି ଦିନେ ମଣିଷର ମଙ୍ଗଳକାମନା ଉଦ୍ଦେଶ୍ୟରେ ଉଦ୍ଭାବିତ ହୋଇଥିଲା ଆଜି ତାହା ସମାଜକୁ ଧ୍ୱଂସ କରିବାପାଇଁ ପ୍ରୟୋଗ କରାଯାଉଛି। ଦୁଇଟି ବିଶ୍ୱଯୁଦ୍ଧରୁ ମଣିଷ କିଛି ବି ଶିଖିନି। ନିଜର ଜିଦିପାଇଁ ନେତାମାନେ ସମଗ୍ର ବିଶ୍ୱକୁ ଧ୍ୱଂସ କରିଦେବାକୁ ମଧ୍ୟ ଆହ୍ୱାନ ଦେଉଛନ୍ତି। କେତେଜଣ ଯୁଦ୍ଧପିପାସୁଙ୍କପାଇଁ ପୃଥିବୀ ଯେ ତୃତୀୟ ବିଶ୍ୱଯୁଦ୍ଧର ଅନ୍ଧମୁହାଣୀ ଆଡ଼କୁ ଦିନକୁ ଦିନ ଠେଲି ହେଇଯାଉଛି, କ’ଣ କହି ଏଇ ତିନିବର୍ଷର ପିଲାଟିକୁ ବୁଝେଇବେ ଶାଶ୍ୱତୀ, ଯାହାର ଅନ୍ଧାରକୁ ବି ପ୍ରାଣରେ ଭୟ।

– ଝାଞ୍ଜିରୀ ମଙ୍ଗଳା (ଚକୋଲେଟ୍ ଲେନ୍),
କଟକ – 753009, ମୋ : 9337272247

**ବିଶେଷ ଗପ**

ସୁପ୍ରିୟା ପାଲ୍‌ଙ୍କ ଜନ୍ମ ୪ ଜାନୁୟାରୀ ୧୯୬୭ରେ, ଜଗତ୍‌ସିଂହପୁର ଜିଲା ନାଲିବରର ଗୋବିନ୍ଦାପୋଖରୀ ଗାଁରେ। ପ୍ରକାଶିତ ପ୍ରମୁଖ ଗ୍ରନ୍ଥ-ଗଳ୍ପ: 'ବର୍ଷା ପକ୍ଷୀ ଓ ସ୍ୱପ୍ନ', 'ଜହ୍ନରାତିର ଢେଉ' ଓ 'ସ୍ୱପ୍ନ ଗଢୁଥିବା ଛାଇ', ଉପନ୍ୟାସ: 'ନିଜ ଆକାଶ ନିଜ ପୃଥିବୀ', 'ମା'ର ଆତ୍ମଲିପି', 'ନିଖୋଜ ସକାଳ', ଗୋଧୂଳିର ନକ୍ଷତ୍ର', 'ପାପ ଆଡ଼କୁ ପାଦେ' ଓ 'ଖୋଜୁଖୋଜୁ ହଜିଗଲି'। ସାରସ୍ୱତ ଜୀବନ ଯଦିଓ କବିତାରୁ ଆରମ୍ଭ, କିନ୍ତୁ ଗପ-ଉପନ୍ୟାସର ହାତଜାବରେ ଏଯାବତ୍ ସୁପ୍ରିୟା। ଓଡ଼ିଆ କଥା ସାହିତ୍ୟକୁ ଗୁଣାତ୍ମକ ଅବଦାନ ପାଇଁ ଲେଖିକା 'କିଶୋରୀ ଚରଣ ଗଳ୍ପ ସମ୍ମାନ' ସମେତ ବହୁ ସମ୍ମାନରେ ସମ୍ମାନିତା। 'ସତରରେ ଶୀତ' ଏପରି ଏକ ଗପ, ଯାହା ଅନୁଭୂତି ନୁହେଁ, ଜୀବନର ଉପଲବ୍ଧି...

# ସତରରେ ଶୀତ

ସୁପ୍ରିୟା ପାଲ୍

ସୁନ୍ଦର ଘନ ସବୁଜ ଉପତ୍ୟକା। ଉପତ୍ୟକାର ଶେଷ ଭାଗରେ ନୀଳଚିତ୍ର ପରି ବିଶାଳ ପର୍ବତ। କୁଞ୍ଚିତ ଓ ବେଶ୍ ଲମ୍ୱମାନ ନୀଳପର୍ବତ। ପାର୍ବତ୍ୟ ଉପତ୍ୟକାରେ ଅନେକ ପର୍ଣ୍ଣକୁଟୀର ସହ କିଛିକିଛି ଖପରଲି ଘର। ପ୍ରତି ଘରର ଚତୁଃପାର୍ଶ୍ୱରେ ଅନାବନା ଝାଟିର ପ୍ରାଚୀର। ଘରର କାନ୍ଥ ଲାଲ୍‌ମାଟି ଓ ତଳ ଚଟାଣ କଳାମାଟିରେ ଲିପାପୋଛା ହୋଇ ଚକ୍‌ଚକ୍ ଦିଶୁଛି। ଅଦୂରରେ ପ୍ରବାହିତ ହେଉଛି ଝରଣାଟିଏ। ନାଁ ସାଲିଆଝର।

ଏଇ ଉପତ୍ୟକାର ଅପରପାର୍ଶ୍ୱରେ ଥିଲା ଫରେଷ୍ଟ ଡିପାର୍ଟମେଣ୍ଟର ଡାକବଂଗ୍ଲୋ। ସାଲିଆଝର ଡାକବଂଗ୍ଲୋର ଦକ୍ଷିଣପାର୍ଶ୍ୱରେ ଆଗେଇଯାଇଛି ଅପେକ୍ଷାକୃତ ସ୍ଫୀତବକ୍ଷା ହୋଇ, ହୃଦୟରେ ଅସୁମାରି ଆରଣ୍ୟକ ସ୍ୱପ୍ନଙ୍କୁ ସଜେଇ ଦେଇ।

ଗୋଟିଏ ସପ୍ତାହ ପାଇଁ ଏଠିକୁ ଆସିଥିଲି। 'ଜଙ୍ଗଲ ଲାଇଫ୍' ପତ୍ରିକା ପାଇଁ ଫଟୋଗ୍ରାଫ୍ ଦରକାର। ସଜୀବ, ନୂତନ ଏବଂ ନୂଆ ଢଙ୍ଗର ଫଟୋ ଆବଶ୍ୟକ ବୋଲି ଏଡିଟର ଏଲିନ୍ ସ୍ମିଥ୍ ବୁଲ୍‌ଗେରିଆରୁ ବାରମ୍ବାର ଅନୁରୋଧ କରୁଥିଲେ। ତାଙ୍କ ଅନୁରୋଧ ମଧ୍ୟରେ ଏତେ ପରିମାଣର ସ୍ନେହ ଓ ନମ୍ରତା ଭରି ରହିଥିଲା ଯେ ଅସ୍ୱୀକାର କରିବା ମୋ' ପକ୍ଷରେ ସମ୍ଭବପର ନ ଥିଲା। ଆଉ ଡିସେମ୍ବରର ଶୀତରେ ଏଠିକୁ ଆସିବାକୁ ପଡ଼ିଲା।

ମୁଁ ପହଞ୍ଚିଥିଲି ସୂର୍ଯ୍ୟାସ୍ତ ସମୟରେ। ଅସ୍ତରାଗରେ ଭିଜୁଥିଲା ସାରା ଉପତ୍ୟକା, ଗଛଲତା, ପାହାଡ଼ପର୍ବତ ଏବଂ ସାଲିଆଝରର ସ୍ୱଚ୍ଛ ନିର୍ମଳ ଜଳଧାରା। ଡାକବଂଗ୍ଲୋରେ ପହଞ୍ଚି ମୋ' ପାଇଁ ଉଦ୍ଦିଷ୍ଟ ରୁମ୍‌ରେ ପାଦଦେବା ପରେ ଦେଖିଲି ସୁନ୍ଦର ବ୍ୟବସ୍ଥା ହୋଇଛି। ରୁମ୍‌ଟି ବେଶ୍ ପରିଷ୍କାର ପରିଚ୍ଛନ୍ନ, ବେଡ୍‌ରେ ସୁନ୍ଦର ବେଡ୍‌ଶିଟ୍, ଦୁଇଟି ମିଙ୍କ୍ ବ୍ଲାଙ୍କେଟ୍, ତଳେ କାର୍ପେଟ, ଟି'ପୟ ଉପରେ ମାଳତି ଓ କୁସୁମ ଫୁଲର ବୁକେ। ବାଥ୍‌ରୁମ୍‌ରେ ଗରମ ପାଣି, ସଫା ଟାୱେଲ ସଜ୍ଜା ହୋଇ ରହିଛି। ଫ୍ରେଶ୍ ହେବା ପରେ ଖୁବ୍ ଶାନ୍ତି ଅନୁଭବ କଲି। ସବୁଠାରୁ ବେଶି ଭଲ ଲାଗିଲା ରାମଧୁନର ଚା କପ୍। ଶୁଖିଲା ମୁଚୁକୁନ୍ଦ ଫୁଲ ସହ ଶୁଣ୍ଠି ଟିକେ ପକାଇ ଚା କରିଥିଲା। ସେ ଥିଲା ଏ ବଂଗ୍ଲୋର କେୟାର୍‌ଟେକର୍ ତଥା କୁକ୍। ପାର୍ବତ୍ୟ ଉପତ୍ୟକାରେ ତା' ଘର।

ଡିନର୍ ପରେ ବାହାରକୁ ଆସିଲି। ଶୀତରେ ଜଙ୍ଗଲ ଏତେ ଚମତ୍କାର ଦିଶେ– ଏଇ ପ୍ରଥମ ଅନୁଭବ। ରାତିର ଜହ୍ନ ଯେମିତି ଓହ୍ଲାଇ ଆସୁଛି କୁହୁଡ଼ିର ପାହାଚରେ। ଚନ୍ଦ୍ରାଲୋକରେ ଝରୁଛି କର୍ପୂରର ମହମହ ବାସ୍ନା। କାକର ବିନ୍ଦୁ ଶୋଇ ପଡୁଛନ୍ତି ପତ୍ରର କୋମଳ ଶଯ୍ୟାରେ। ଚନ୍ଦ୍ରାଲୋକର ଚାଦର ଘୋଡ଼ି ହୋଇ ଗଭୀର ନିଦ୍ରାରେ ନିଦ୍ରିତ ଲତାଗୁଳ୍ମ ଓ ଗଛପତ୍ର। କେଡ଼େ ପବିତ୍ର, ଶାନ୍ତ ଏ ପରିବେଶ! ଛାତି ତଳ ଖୁବ୍ ହାଲୁକା ହୋଇଗଲା ଏକ ପ୍ରଶାନ୍ତ, ଦିବ୍ୟ ଅନୁଭବରେ।

ପଛରୁ ଶୁଣିଲି ରାମଧୁନର ସ୍ୱର– 'ମାଡାମ୍ ଆଜ୍ଞା, ଏଠିକୁ ହାତୀ ଆସନ୍ତି। ବାହାରେ ବେଶୀ ସମୟ ରୁହନ୍ତୁ ନାହିଁ। ଥଣ୍ଡା ବି ପଡ଼ିଲାଣି।'

'ହଁ, ଭିତରକୁ ଯିବା ଚାଲ।' କହି ତା' ସହ ଆସିଲି। ରୁମ୍‌ରେ ପାଦଦେବା ସମୟରେ ରାମଧୁନ ଶୁଭରାତ୍ର ଜଣାଇ ବିଦାୟ ନେଉନେଉ କହିଲା– 'ଆଜ୍ଞା, କିଛି ଦରକାର ହେଲେ ମୁଣ୍ଡ ପାଖ ନୀଳସ୍ୱିଚ୍‌ଟା ବଜାଇ ଦେବେ। ମଝି ରାତିରେ ଖୁବ୍ ଶୀତ ପଡ଼ିବ। ଦୁଇଟା କମ୍ବଳ ଏକାଠି ଘୋଡ଼ି ହେବା ଭଲ।'

ଧନ୍ୟବାଦ ଜଣାଇଲି ତାକୁ। ରାମଧୁନ କଥାର ଗୁରୁତ୍ୱ ଠିକ୍ ମଧ୍ୟରାତ୍ରରେ ଅନୁଭବ କଲି। କନ୍‌କନ୍ ହୋଇଯାଉଥିଲା ପାଦତଳ ଓ ଆଙ୍ଗୁଠି। ନାକ ଖୁବ୍ ଥଣ୍ଡା। ଟିପ ସବୁ ଆହୁରି ଶୀତଳ। ବାଧ୍ୟ ହୋଇ ଦୁଇଟି ବ୍ଲାଙ୍କେଟ୍ ଘୋଡ଼ି ହେଲି। ଅଳ୍ପ ସମୟ ପରେ ଖୁବ୍ ଉଷୁମ ଲାଗିବାରୁ ଗାଢ଼ ନିଦରେ ଶୋଇପଡ଼ିଲି।

ହଠାତ୍ ନିଦ ଭାଙ୍ଗିଲା ଏକ ବିଚିତ୍ର ଶବ୍ଦରେ। ଘଣ୍ଟି ସହ ଅଦ୍ଭୁତ ଅନୁନାସିକ ସ୍ୱର– 'ସତରରେ ଶୀତ! ସତରରେ... ଶୀତ...।' ଲହରେଇ ଲହରେଇ ଭାସି ଆସୁଥିଲା ପୁରୁଷ କଣ୍ଠସ୍ୱର।

ଏହାର ଅର୍ଥ କ'ଣ ହୋଇପାରେ ଯେ? ସତରରେ ଶୀତ! ସତରରେ ମାନେ ତାରିଖ ନିଶ୍ଚିତ। ତେବେ ଆଜି ତ ପନ୍ଦର ତାରିଖ। ତା' ମାନେ ପହର ଦିନଠାରୁ ଶୀତ ବଢ଼ିବ। ହସିଲି ମନେମନେ। ଏଭଳି କନକନିଆ ଶୀତଠାରୁ ଆହୁରି ପୁଣି ଭୟଙ୍କର ଶୀତ ଆସିବ। ଦୁଇଟି ବ୍ଲାଙ୍କେଟ୍ ବଦଳରେ କ'ଣ ଚାରୋଟି ଦରକାର ହେବ!

ବ୍ଲାଙ୍କେଟ୍ ମଧ୍ୟରୁ ମୁଣ୍ଡ କାଢ଼ି ଚାହିଁଲି ବାହାରକୁ। ନରମ ଉଜ୍ଜ୍ୱଳ ଆଲୋକ ଝଲମଲ କରୁଛି ଚତୁର୍ଦ୍ଦିଗରେ। ସ୍କାଏଲାଇଟ୍ ଦେଇ ଧୂଆଁଳିଆ ସୂର୍ଯ୍ୟ ରଶ୍ମି ପ୍ରବେଶ କରୁଛି। ଅଳସ ଭାଙ୍ଗି ଉଠିବା ମାତ୍ରକେ ପୁଣି ସେଇ ସ୍ୱର ଭାସି ଆସିଲା– 'ସତରରେ ଶୀତ'। ମୁଁ ବୁଝିପାରିଲିନି ଏଭଳି ଘୋଷଣାରେ। ଏ ଲୋକଟି କ'ଣ ପେପରବାଲା ନା ସରକାରୀ ପ୍ରଚାରବାଲା ନା ଆଉ କିଛି?

ମୁଁ ମୁହଁ ଧୋଇ ବାହାରକୁ ଆସିଲି। ଦେଖିଲି ରାମଧୁନ ସାମ୍ନା ରାସ୍ତାରେ ଠିଆ ହୋଇ ଏକ ଫେରିବାଲା ସହ କଥାବାର୍ତ୍ତା ହେଉଛି। ଫେରିବାଲାଟି ସାଇକେଲ୍ କ୍ୟାରିଅର୍‌ରେ ରଙ୍ଗବେରଙ୍ଗର ଶସ୍ତା ବ୍ଲାଙ୍କେଟ୍ ଲଦିଛି। ତା'ସ୍ୱର ସାମାନ୍ୟ ଶୁଣିପାରୁଥିଲି। ମୋତେ ଦେଖିବା କ୍ଷଣି ରାମଧୁନ ଦୌଡ଼ି ଆସିଲା। କହିଲା– 'ମାଡାମ୍, ଗୁଡ୍‌ମର୍ଣ୍ଣିଂ। ଚା ତିଆରି କରି ଅପେକ୍ଷା କରୁଥିବା ବେଳେ ଏଇ ଫେରିବାଲା ଆସିଲା। ତା' ଡାକରାରୁ ଜାଣିଲି ଶୀତ ଭାରି ବଢ଼ିବ।'

'ଗୁଡ୍‌ମର୍ଣ୍ଣିଂ ରାମଧୁନ୍! ହେଲେ ଏ କଥା କେମିତି ସମ୍ଭବ!' ପ୍ରଶ୍ନ କଲି।

'ହଁ, ପ୍ରତ୍ୟେକ ବର୍ଷ ସେ ଆସେ ଓ ଶୀତ ବଢ଼ିବା କଥା ଠିକ୍‌ରେ କହେ। ସମସ୍ତେ ଏଇ ଫେରିବାଲାଠାରୁ କମ୍ବଳ କିଣନ୍ତି। କିଏ ଧାନ ଚାଉଳ ଦିଏ ତ, କିଏ ଲାଖ, ପତ୍ର, ଦାନ୍ତକାଠି, ମୟୂରପର ଯୋଗାଇ ଦିଅନ୍ତି। ପ୍ରଥମେ କମ୍ବଳ ଦେଇଯିବ ଓ ଧାନ ଅମଳ ପରେ ଗୋଟେ ମଟରଗାଡ଼ି ଆଣି ଏକାଥରକେ ଧାନଚାଉଳ ଆଦି ସାମାନ ନେଇଯାଏ। ପୁଣି ତା'ପରେ ପରବର୍ଷ। ଏମିତି ତାକୁ ମୁଁ ପାଞ୍ଚବର୍ଷ ହେଲା ଦେଖୁଛି।' ରାମଧୁନ କପ୍‌ରେ ଚା ଢାଳି ମୋ' ସାମ୍ନାରେ ରଖିଲା।

'ରାମଧୁନ! ତୁମେ ଏକା ଏ ଡାକବଂଗ୍ଲୋର ସବୁ ଦାୟିତ୍ୱ ତୁଲାଉଛ?' ଚା ପିଉପିଉ ପ୍ରଶ୍ନ କଲି।

ସାମାନ୍ୟ ଲାଜଲାଜ ହସ ହସିଲା। କହିଲା– 'ଏକା କ'ଣ କରେ କି? ମୋତେ ସାହାଯ୍ୟ କରିବାକୁ ପଞ୍ଚମୀ ଆସେ।'

'ପଞ୍ଚମୀ କିଏ? କାହିଁ ସକାଳୁ ତ ତାକୁ ଦେଖୁନାହିଁ?' ଆଉ ଥରେ ଚତୁଃପାର୍ଶ୍ୱକୁ ନିରୀକ୍ଷଣ କରି ପଚାରିଲି।

'ତାକୁ ମଝିରେ ମଝିରେ ଡାକେ, ଯେତେବେଳେ ଡାକବଂଗଳାକୁ ବେଶୀ ଲୋକ ଆସନ୍ତି। ଆମ ଦୁହିଁଙ୍କ ଘର ପାଖପାଖି। ପିଲାଦିନର ଖେଳସାଥୀ ଥିଲୁ। ବେଳେବେଳେ ତା' ମନ ହେଲେ ବୁଲିଆସେ।' ଲାଜୁଆ ସ୍ୱରରେ ମୁହଁ ପୋତି ଉତ୍ତର ଦେଲା।

'ଆଜି କାହିଁକି ଆସିନାହିଁ?' ଯଥେଷ୍ଟ ଉତ୍ସୁକ ହୋଇଉଠିଲି ନିଜ ଭିତରେ।

'ଆସିଥା'ନ୍ତା ଯେ ତା' ମା' ଦେହ ଭଲ ନାହିଁ। କାଲି ବୋଧେ ଆସିବ।' ପାହାଡ଼ତଳ କୁଟୀରଗୁଡ଼ିକୁ ଦୃଷ୍ଟି ଲମ୍ୱେଇ ସେ ଉତ୍ତର ଦେଲା।

ତା'ପର ଦୁଇଦିନ ଧରି ମୁଁ ଭୁଲି ଯାଇଥିଲି ଛାଡ଼ିଆସିଥିବା ପରିବାର, ମଣିଷ, ନିଜସ୍ୱ ଚଳଣି, ଏମିତି କି ପଞ୍ଚମୀ କଥା। ସକାଳୁ ରାମଧୁନ ଟିଫିନ୍, ଚା ଭର୍ତ୍ତି ଫ୍ଲାସ୍କ, ବିସ୍କୁଟ, ୱାଟରବଟଲ୍ ଇତ୍ୟାଦିକୁ ଗୋଟେ କ୍ୟାରିବ୍ୟାଗ୍‌ରେ ଭର୍ତ୍ତି କରିଦେଉଥିଲା। ମୁଁ ମୋବାଇଲ, କ୍ୟାମେରା ଓ କ୍ୟାରିବ୍ୟାଗ୍ ସହ ଉପତ୍ୟକା, ପାହାଡ଼ ଓ ସାଲିଆଝରର କୂଳେକୂଳେ ଘୂରିଘୂରି ଫଟୋ ଉଠାଉଥିଲି। ଫେରିବାର ଠିକ୍ ଠିକଣା ରହୁ ନ ଥିଲା। ଜଙ୍ଗଲର ଧୂସର ରାସ୍ତାରେ ଦଳଦଳ ନାରୀ ଓ ବାଳିକା ଧାଡ଼ି ବାନ୍ଧି ଚାଲିବାର ଦୃଶ୍ୟ ଆଖିରେ ପଡୁଥିଲା। କୌତୂହଳୀ ଦୃଷ୍ଟିରେ ଚାହିଁବାବେଳେ ସେମାନଙ୍କ ପାଦ ଅଟକି ଯାଉଥିଲା। ମୁଁ ଦୂରରୁ ହାତ ହଲାଉଥିଲି ସେମାନଙ୍କ ଉଦ୍ଦେଶ୍ୟରେ। ମିଠାମିଠା ହସର ତରଙ୍ଗ ସହ ସଙ୍କୋଚ ସହକାରେ ସେମାନେ ବି ହାତ ଟେକୁଥିଲେ ଧୀରେଧୀରେ। ଏତେ ଦୂରରୁ ପ୍ରଶ୍ନ କରି ହେଉ ନ ଥିଲା ଜଙ୍ଗଲକୁ ଯିବାର ଉଦ୍ଦେଶ୍ୟ ସଂପର୍କରେ।

ଦିନେ ସାଲିଆଝର ନିକଟରେ ଦେଖିଲି ଦଳେ ପ୍ରଜାପତିଙ୍କୁ। ଦେହର ରଂଗ ହାଲୁକା ସବୁଜ। ସବୁଜ ରଂଗ ଉପରେ ଯେମିତି ଗାଈଘିଅର ବହଳ ଆସ୍ତରଣ। ଚକ୍‌ଚକ୍ କରୁଛି ଦୁଇ ଡେଣା ସହ କୋମଳ ଦେହ। ସେମାନେ ଉଡ଼ି ବୁଲିଥିଲେ କୂଳରେ। ପୁଣି ଆକାଶକୁ ଉଡ଼ିଯାଉଥିଲେ ଗୁଡ଼ି ପରି ଚକ୍ରାକାରରେ। କିଛି ସମୟ ପରେ ଇନ୍ଦ୍ରଧନୁ ପରି ଆକୃତି ନେଉନେଉ ଧାରେ ଧୂଆଁ ପରି ଉଠି ଯାଉଥିଲେ ଉପରକୁ। ଆହୁରି ଉପରକୁ। କି ଚମତ୍କାର ସେ ଦୃଶ୍ୟ! ପ୍ରକୃତି ଯେମିତି ନିଜ ଚମ୍ପାକଢ଼ି ଅଙ୍ଗୁଳି ଛୁଆଁଇ ଇନ୍ଦ୍ରଜାଲ ଆରମ୍ଭ କରିଛି। ସେ ଦୃଶ୍ୟରେ ମୁଁ ଭୁଲିଗଲି ସମୟକୁ, ଅଜଣା ଆରଣ୍ୟକ ପରିବେଶକୁ, ନିଜ ଲକ୍ଷ୍ୟ ଓ ଅସ୍ତିତ୍ୱକୁ। ଅନୁଭବ କଲି ସାରା ହୃଦୟ ଓ ମନପ୍ରାଣରେ ନିର୍ମଳ, ପ୍ରଶାନ୍ତ ଭାବର ଦିବ୍ୟସ୍ପର୍ଶକୁ।

ଚତୁର୍ଥ ଦିନ ସକାଳେ ଚା ପିଇବା ସମୟରେ ଲକ୍ଷ୍ୟ କଲି ରାମଧୁନର ମୁହଁ ଖୁବ୍ ଶୁଖିଲା ଦିଶୁଛି। ସାରାରାତି ଯେମିତି ଅନିଦ୍ରା ଥିଲା। ଆଖିପତା ଫୁଲିଯାଇଛି। ବୋଧେ ଅନେକ ସମୟ ଧରି କାନ୍ଦିଛି। ତାକୁ ଚାହିଁ ପଚାରିଲି– 'ରାମଧୁନ! କ'ଣ ହେଲା? ଦେହ ଅସୁସ୍ଥ କି? ଘରେ ସମସ୍ତେ ଭଲ ଅଛନ୍ତି ତ?'



'ହଁ' ଅତିକଷ୍ଟରେ କହିଲା। ଅନୁଭବ କଲି ସାରା ପୃଥିବୀର ଯନ୍ତ୍ରଣା ଯେମିତି ତା' ଦେହର ରକ୍ତ, ମାଂସ, ହାଡ଼, ମେଦ, ଲୋମକୂପରେ ପୃଥିବୀର ସୃଷ୍ଟି ସମୟରୁ ସଞ୍ଚିତ ହୋଇ ରହିଛି। ଶବ୍ଦ ସବୁ ହଜିଯାଇଛି ମନର ପୃଷ୍ଠାରୁ। ହଜିଯାଇଛି ଚିନ୍ତାଚେତନା, ଭାବନା। ଶୂନ୍ୟତାର ନିଷ୍ପ୍ରାଣ ପ୍ରତିମା ଯେମିତି ସେ। ମୁଁ ଚେୟାରରୁ ଉଠିଯାଇ ପାଖରେ ବସିଲି। ପାଣି ପିଇବାକୁ ୱାଟର୍ ବଟଲ୍ ବଢ଼ାଇ ଦେଲି। ତା' ଆଖିରୁ ଝରିଲା ଟୋପା ଟୋପା ଲୁହ। ମୁହଁ ଦିଶିଲା ରକ୍ତପଦ୍ମ ପରି। କୁହୁଡ଼ି ଭିଜାଭିଜା।

କୋହଭରା ସ୍ୱରରେ କହିଲା– 'ସବୁ ସରିଗଲା। ଉଜୁଡ଼ିଗଲା କେତେ ଦିନର ସ୍ୱପ୍ନ।'

'ରାମଧୁନ୍! ତୁମର ଯଦି ଆପତ୍ତି ନ ଥାଏ କ'ଣ ଘଟିଛି କହିବ କି?'

ପଚାରିବା ବେଳକୁ ମୋ' ସ୍ୱର ମଧ୍ୟ ଆର୍ଦ୍ର ହୋଇ ସାରିଥିଲା।

ସେ କାନ୍ଥକୁ ଆଉଜି ବସିଲା। କହିଲା– "ପଞ୍ଚମୀକୁ ନେଇ ଘର କରିବାର ସ୍ୱପ୍ନ ଦେଖିଥିଲି। ଜାଣି ନାହିଁ, ତା' ମନରେ ମୁଁ ଥିଲି କି ନାହିଁ। କେବେ ଏ ବିଷୟରେ ପଚାରିପାରି ନ ଥିଲି। ସେ କାମ କରି ଘର ଚଳାଉଥିଲା। ଜଙ୍ଗଲକୁ ଯାଇ ପତ୍ର, ଦାନ୍ତକାଠି ଆଣୁଥିଲା। ସେତେବେଳେ ଜଙ୍ଗଲ ଜିନିଷ ଉପରେ ରୋକ ଲାଗି ନ ଥିଲା। ରୋକ ଲାଗିବା ପରେ ସମସ୍ତଙ୍କ ଘରେ ସମସ୍ୟା ଆରମ୍ଭ ହେଲା। କାଠକଟା ହୋଇପାରିଲାନି, ବିକ୍ରି ହେବା ତ ଦୂରର କଥା। କାଠ, ପତ୍ର, ଜଙ୍ଗଲୀ ମାଂସ ବିକ୍ରିରୁ ବେଶ୍ ଭଲ ପଇସା ଆସୁଥିଲା। ସବୁ ବନ୍ଦ ହୋଇଗଲା। ପରିବାର ବଢୁଥିଲା, ପେଟ ବଡ଼ ହେଉଥିଲା। କମାଣି ପାଇଁ କିଛି ଲୋକ ଓ ଟୋକା ଦାଦନ ଖଟି ଗଲେ। ଏ ପର୍ଯ୍ୟନ୍ତ ଫେରି ନାହାନ୍ତି। ପଞ୍ଚମୀର ବାପା ଓ ଭାଇ ବି ସେଥିରେ ଥିଲେ। ପଞ୍ଚମୀ ଯାହା କମାଏ ଗୋଟାଏ ପେଟକୁ ପୂରିବା କଷ୍ଟ। ତଥାପି ଘର ସମ୍ଭାଳି ଥିଲା। ଆଉ କାଲି..." ପୁଣି କୋହ ଉଠିବାରୁ ସେ କଇଁକଇଁ ହୋଇ କାନ୍ଦି ପକାଇଲା।

'କ'ଣ ହେଲା କାଲି?' ମୁଁ ଉତ୍କଣ୍ଠିତ ଓ ଅସ୍ଥିର ହୋଇଉଠିଲି ନିଜ ଭିତରେ।

'ଏବେ ପ୍ରବଳ ଶୀତ ପଡ଼ିଲାଣି। ପତ୍ର କୁଡ଼ିଆ କ'ଣ ପାହାଡ଼ିଆ ଶୀତକୁ ସମ୍ଭାଳି ପାରିବ! ଆର ମାସରେ ଶୋଇଥିବା ବେଳେ କନ୍ଥା ସବୁରେ ଉଇ ଚରିଗଲେ। ସକାଳୁ ଶେଯ ଉଠାଇବା ବେଳେ ଖଣ୍ଡଖଣ୍ଡ ମାଟି ମୁଣ୍ଡା ଝରି ପଡ଼ିଲା। ତା' ବୁଢ଼ୀ ମା' ଶୀତ ସମ୍ଭାଳି ପାରୁ ନାହିଁ। ପେଟରେ ଭୋକ, ଦେହ କେଉଁଠୁ ଶୀତ ସହିପାରିବ? ପଞ୍ଚମୀ କମ୍ବଳ ଖଣ୍ଡେ ପାଇଁ ଫେରିବାଲା ସାଥିରେ କାଲି ସହରକୁ ଚାଲିଯାଇଛି।' କେଡ଼େ ବେଦନାର୍ତ୍ତ ସେ କଣ୍ଠସ୍ୱର! ଶୁଣିବା ମାତ୍ରକେ ମୋ' ଛାତିରେ ବିଷାକ୍ତ ବର୍ଚ୍ଛା ବିଦ୍ଧ ହେଲା ପରି ଅନୁଭବ କଲି। ଯନ୍ତ୍ରଣା ଓ ଅସହାୟତାରେ ଆଖି ବନ୍ଦ ହୋଇଆସିଲା।

ଆମେ ଦୁହେଁ ବସି ରହିଲୁ ଅନେକ ସମୟ ପର୍ଯ୍ୟନ୍ତ। ଇଚ୍ଛା ହେଲା ନାହିଁ କ୍ୟାମେରା ଧରି ବାହାରକୁ ଯିବାକୁ। ସ୍ପୃହା ମରିଗଲା।

X X X

ତା'ପର ଦିନ ଭୋର ସମୟ। କବାଟରେ ନକ୍ ହେବାର ଶବ୍ଦ ଶୁଣି ପାରିଲି। ଲାଗୁଥିଲା ଯେମିତି ସ୍ୱପ୍ନ ପୁଣି ବାସ୍ତବତାର ଭ୍ରମ। ଶବ୍ଦ ବଢ଼ିବାକୁ ଲାଗିଲା, ଉଠିଆସି କବାଟ ଖୋଲି ଦେଖିଲି ସାମ୍ନାରେ ଠିଆ ହୋଇଛି ରାମଧୁନ୍, ଯେମିତି ଦୂର ଗ୍ରହର ଜୀବଟିଏ ପରି।

'ମାଡାମ୍, ଶୀଘ୍ର ଆସନ୍ତୁ।' ତା' ସ୍ୱର ବେଶ୍ ଅଦ୍ଭୁତ ମନେହେଲା। ଜୀବନର ସବୁ ଭାବ ଯେମିତି ଫେଣ୍ଟି ହୋଇଯାଇଥିଲା। 'ସାଙ୍ଗରେ କ୍ୟାମେରା ଆଣନ୍ତୁ'।

"କ'ଣ ହୋଇଛି ରାମଧୁନ୍? କେଉଁଠିକୁ ଯିବା?" ଭୟ ସହ ବ୍ୟାକୁଳତା ଛାଇଗଲା ମୋ' ମୁହଁ ଓ ଦେହରେ। ଶିର୍‌ଶିର୍ ହେଲା ପାଦତଳ।

'ଆଉ ସମୟ ନାହିଁ। ଶୀଘ୍ର ଯିବା।' ଉଚ୍ଛନ୍ନ ହୋଇଉଠିଲା ସେ। ଯେମିତି ଏହିକ୍ଷଣି ପୃଥିବୀ ଭାଙ୍ଗି ପଡ଼ିବ।

ମୁହଁ ଧୋଇ, ପାଦରେ ଜୋତା ପିନ୍ଧି, ବ୍ୟାଗ୍‌ରେ କ୍ୟାମେରା ଧରି ରାମଧୁନ୍ ପଛରେ ଚାଲିଲି। ବାହାରେ କି ଶୀତ! କୁହୁଡ଼ି ଘେରିଯାଇଛି ଘନ ଚନ୍ଦ୍ରାଲୋକ ପରି। ଘାସ ଦେହରେ ଶୁଭ୍ର ମୁକ୍ତା ବର୍ଷିଛି ବୋଧେ। ଉଠାଇ ଆଣି ଦେଖିଲି ଚୂନାଚୂନା ବରଫ। ଓଃ! ଗତ ରାତିରେ ଏତେ ଶୀତ ପଡ଼ିଛି! ସଂଧ୍ୟାରୁ ରାମୁଧନ୍ ରୁମ୍ ହିଟର ଅନ୍ କରିଦେଇଥିଲା, ଯେଉଁଥିପାଇଁ ଏ ଭୟଙ୍କର ଶୀତ ସମ୍ପର୍କରେ ଜାଣି ହେଲାନି।

ରାମଧୁନ୍ କୁହୁଡ଼ି ଭିତରେ ଏତେ ଜୋର୍‌ରେ ପାଦ ପକାଉଥିଲା ଯେ ମୁଁ ପ୍ରାଣ ବିକଳରେ ତା' ପଛରେ ଦୌଡୁଥିଲି। ପାଦ ଦିଓଟି ଜୋତା ଭିତରେ ବଧିରା ଲାଗୁଥିଲା। କେତେ ବାଟ ଚାଲିଲୁ କେଜାଣି! ତା' ଗତି କ୍ରମଶଃ ଧୀର ହୋଇ ଆସିଲା। ପ୍ରଶ୍ନ କଲି– 'କ'ଣ ଘଟିଛି କୁହ ତ?'

ମୋ' ସହ ସମତାଳରେ ଚାଲୁଚାଲୁ ଉତ୍ତର ଦେଲା– "ଭୋର ହେବାକୁ ଆହୁରି ବାକି ଥାଏ। ଜଗା ଚଉକିଦାର ଆସି ମୋତେ ଉଠାଇଲା। କହିଲା– ରାତିରେ ପଞ୍ଚମୀ ଫେରିଛି। ଫେରିବାଲା ସହ ଯାଇଥିବାରୁ ତାଙ୍କ ପଡ଼ାବାଲା ତାକୁ ଅଟକ ରଖିଛନ୍ତି, ସେ କାକୁତି ମିନତି ହେଲା– ତାକୁ ଅଟକ ରଖ ପଛକେ, କମ୍ବଳଟା ମା'କୁ ଦେଇ ଫେରି ଆସିବ। ସମସ୍ତେ ରାଜି ହେବାରୁ ସେ ଘରକୁ ଯାଇ ଦେଖିଲା, ମା' ଆଉ ଜୀବନରେ ନାହିଁ। କେତେବେଳ ଠାରୁ ମରି କାଠ ହୋଇଯାଇଛି। ଘରେ କେହି ନ ଥିବାରୁ ତାକୁ ଶବ ସଂସ୍କାର କରିବାକୁ ହେବ। ତା'ର ଦାଦାମାନେ ମା'ର ଶବକୁ ବୋହି ନେଇ ଜଙ୍ଗଲ ମଝିରେ ଛାଡ଼ି ଦେଇଛନ୍ତି। ଭୟଙ୍କର ଶୀତ ପାଇଁ ଶ୍ମଶାନକୁ ଯିବାକୁ ରାଜି ନ ହୋଇ ଘରକୁ ପଳାଇ ଆସିଲେ। ଏଇ କଥା ମୋତେ ଜଗା ଚଉକିଦାର କହି ଫାଣ୍ଡିକୁ ଖବର ଦେବାକୁ ଯାଇଛି।"

'ଓଃ! କି ଭୟଙ୍କର ଘଟଣା! ମୋ' ଦେହ ଶୀତେଇ ଉଠିଲା। ସିନ୍ଦୂରା ଫିଟି ଆସିଲାଣି। ସବୁ ଦୃଶ୍ୟ ଏବେ ସ୍ପଷ୍ଟ। ଗଛ ପତ୍ରରୁ କାକର ବିନ୍ଦୁ ଝରୁଛି ଟପ୍‌ଟପ୍ ହୋଇ। ରାମଧୁନ୍ ଅଟକି ଯିବାକୁ ନୀରବରେ ଇସାରା କଲା ଓ ସାମାନ୍ୟ ଦୂରକୁ ଆଙ୍ଗୁଠି ଦେଖାଇଲା।

ହେ ଭଗବାନ୍! ଏ କି ଦୃଶ୍ୟ! ଥରି ଉଠିଲା ମୋ' ଦେହମୁଣ୍ଡ। ଯେମିତି ବେହୋସ ହୋଇଯିବି। ଭୂମି ଉପରେ ନିର୍ଜୀବ ପିଣ୍ଡ ଏକ ନୂଆ ବ୍ଲାଙ୍କେଟ୍ ଘୋଡ଼ି ହୋଇ ପଡ଼ିରହିଛି। ଆଉ ଦୁଇହାତ ଦୂରରେ ଚାରୋଟି ହାତୀ ଛୋଟ ଡାଳ ଧରି ଠିଆ ହୋଇଛନ୍ତି। ମା' ହାତୀଟିଏ ତା' ଛୋଟ ଛୁଆ ସହ ଜଣେ ଝିଅକୁ କୋଳରେ ଜାକି ଧରିଛି। ଅନ୍ୟ ହାତୀମାନେ ଖୁବ୍ ସାବଧାନ ହୋଇ ଶୁଣ୍ଢରେ ଡାଳପତ୍ର ଘୋଡ଼ାଇ ଦେଉଛନ୍ତି ଝିଅଟିକୁ।

ଚିହ୍ନିବାକୁ ବିଳମ୍ବ ହେଲାନି ଯେ ଝିଅଟି ପଞ୍ଚମୀ ବୋଲି। ମୋ' ସାମ୍ନାରେ ଏବେ ପୃଥିବୀର ସବୁଠାରୁ ବିରଳ ଦୃଶ୍ୟ। ସମାଜରେ ମଣିଷ ଧୋକା ଦିଅନ୍ତି, ଜଙ୍ଗଲରେ ପଶୁମାନେ ଆତ୍ମୀୟତା ବର୍ଷିଦିଅନ୍ତି। ଏଲିନ୍ ସ୍ମିଥ୍ ଯେଉଁଭଳି ଫଟୋଗ୍ରାଫ୍ ଚାହୁଁଥିଲେ, ତା'ଠାରୁ ଶହେଗୁଣ ଆଶାତୀତ ଦୃଶ୍ୟ ମୋ' ସାମ୍ନାରେ। ଫଟୋଟା ହଜାର ଡଲାରର ଅଫର ଦେଇଛନ୍ତି। ପସନ୍ଦ ହେଲେ ଅଧିକ ମଧ୍ୟ ମିଳିବାର ସମ୍ଭାବନା ଅଛି ବୋଲି ସୂଚନା ଦେଇଥିଲେ।

'ମାଡାମ୍, ଫଟୋ ନିଅନ୍ତୁ।' ରାମଧୁନ୍ ଅତି ଧୀରେ ଉଚ୍ଚାରଣ କଲା। 'ନା'– ଗୋଟିଏ ମାତ୍ର ଶବ୍ଦ ଉଚ୍ଚାରଣ କରୁକରୁ ପଛକୁ ବୁଲିପଡ଼ି ଫେରିବାକୁ ଆରମ୍ଭ କଲି। ମନେମନେ ପ୍ରାର୍ଥନା କଲି– 'ହେ ଈଶ୍ୱର! ଆରଜନ୍ମକୁ ପୁଣି ମଣିଷ ନୁହେଁ, ମୋତେ ଏମିତି ହାତୀଟିଏ କରି ଜନ୍ମ ଦେବ।'

– ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବଡ଼ଗାଁ, ସୁନ୍ଦରଗଡ଼



**ବ୍ୟଙ୍ଗ ଗଳ୍ପ**

# ଧାଁ–ଦୌଡ଼

ଡ. ଦେବାଶିଷ ପାତ୍ର

ରାତି ପାହିଲାବେଳକୁ ଚର୍ଚ୍ଚିତ ଖବରଟିଏ ଅପେକ୍ଷା କରିଥିଲା। ସହରରୁ ରୋଗ ଗାଏବ। ଟି.ଭି. ପର୍ଦ୍ଦାରେ ଘନଘନ ବ୍ରେକିଂ ନ୍ୟୁଜ୍।

ଚକିତ ହେଲେ ଡାକ୍ତରମାନେ। ମନକୁ ମନ ରୋଗୀମାନେ ନୀରୋଗ ହେଇ ଯାଉଛନ୍ତି। ଯନ୍ତ୍ରଣାସବୁ ଉଡ଼ଣଛୁ ମାରୁଛି ତାଙ୍କ ଦେହରୁ। କାଜୁଆଲ୍‌ଟି, ଆଇସିୟୁରେ ଥିବା ରୋଗୀମାନେ ଉଠି ବୁଲିବା ଆରମ୍ଭ କଲେଣି। ଦ୍ୱିପ୍ରହରବେଳକୁ ସହରର ସମସ୍ତ ସରକାରୀ, ବେସରକାରୀ ଡାକ୍ତରଖାନା ଅର୍ଦ୍ଧାଧିକ ଖାଲି। ଡିସ୍‌ଚାର୍ଜ ରିପୋର୍ଟ ଲେଖିଲେଖି ହାଲିଆ ହେଇଗଲେଣି ଡାକ୍ତରଖାନାର କର୍ମଚାରୀମାନେ। ଚିନ୍ତାରେ ଡାକ୍ତର।

କେତେଟା ଆଶ୍ଚର୍ଯ୍ୟଜନକ ଘଟଣାର ଲାଇଭ୍ ଫୁଟେଜ୍ ଦିଶିଲା ଟି.ଭି. ପର୍ଦ୍ଦାରେ। ଧରନ୍ତୁ ଓ.ଟି.ରେ ଅପରେଶନ୍ ଚାଲୁଥିଲାବେଳେ ହଠାତ୍ ରୋଗୀ କହିଲା– 'ଓପନ୍ ହାର୍ଟ ସର୍ଜରି ବନ୍ଦ କରନ୍ତୁ, ମୁଁ ଠିକ୍ ହେଲିଣି।' ଡାକ୍ତର ତାଜୁବ୍। ଚଟାପଟ୍ ହାର୍ଟଟାକୁ ନିର୍ଦ୍ଦିଷ୍ଟ ସ୍ଥାନରେ ରଖି ସିଲେଇରେ ନିମଗ୍ନ।

ବେଶ୍ କିଛି ଟଙ୍କା ବଦଳରେ ନ୍ୟୁଜ୍ ଚ୍ୟାନେଲ୍ ସବୁ ହାତେଇଛନ୍ତି ଏମିତି ଫୁଟେଜ୍।

ହେଲେ ଏମିତି କେମିତି ହେଲା କାହାଠି କିଛି ଖବର ନାହିଁ। କ୍ୟାବିନେଟ୍ ବୈଠକ ବି ଡକାଯାଇଛି। ତେବେ ସେଇଦିନ ଦ୍ୱିପ୍ରହରବେଳେ କାରଣର ଆବିଷ୍କାର କଲେ ଜଣେ ବୃଦ୍ଧ ପାଥୋଲୋଜିଷ୍ଟ। ଯିଏକି ଚୌତାଳିଶ ବର୍ଷ ଧରି ରକ୍ତ, ମଳ, ମୂତ୍ର, କଫର ପରୀକ୍ଷା କରୁଥିଲେ ତାଙ୍କ ପାଥୋଲ୍ୟାବ୍‌ରେ। ମାଇକ୍ରୋସ୍କୋପ୍‌ରେ ରକ୍ତ ପରୀକ୍ଷା କଲାବେଳେ ଦେଖିଲେ, ଭାଇରସ୍‌ମାନେ ସ୍ଲାଇଡ୍ ଦେହରୁ ବାହାରକୁ ଯାଉଛନ୍ତି। ଆଶ୍ଚର୍ଯ୍ୟ ପ୍ରକଟ କରି ଏତେ ବର୍ଷର ସମ୍ପର୍କ ଖାତିରରେ ବୃଦ୍ଧ ପଚାରିଲେ ଘଟଣା କ'ଣ? ସେଇଠୁ ଭାଇରସ୍ ଉତ୍ତର ଦେଲା, "ଆମେ ଭୂତାଣୁ, ଜୀବାଣୁ, ପରଜୀବୀ ସମସ୍ତେ ଆନ୍ଦୋଳନକୁ ଓହ୍ଲେଇଛୁ, ସେଥିପାଇଁ ସହରରୁ ରୋଗ ଗାଏବ, ଦାବି ପୂରଣ ନ ହେବାଯାଏଁ ଆମେ ବିଧାନସଭା ସାମ୍ନାରେ ବସିବୁ।"

ବୃଦ୍ଧଙ୍କଠୁ ଖବର ପାଇ ସାମ୍ବାଦିକମାନେ ଆଖିରେ ଗୋଟେ ଲେଖାଏଁ ମାଇକ୍ରୋସ୍କୋପିକ୍ ଲେନ୍ସ ଲଗାଇ ଇଣ୍ଟରଭ୍ୟୁ ନେଲେ ରୋଗ–ଜୀବାଣୁଙ୍କର।

ତାଙ୍କ ସଭାପତି ଯିଏକି ଗୋଟେ କ୍ୟାନ୍‌ସର ପେସେଣ୍ଟ ଦେହରୁ ଆସିଥିଲା, ଦୃଢ଼ତାର ସହିତ କହିଲା– "ସରକାର ଆମ ଭବିଷ୍ୟତ ଅନ୍ଧାର କରିଛନ୍ତି ରାଜ୍ୟରେ ଉଚ୍ଚମାନର ସ୍ୱାସ୍ଥ୍ୟସେବା ଯୋଗାଇ, ସୁଲଭ ମୂଲ୍ୟରେ ଔଷଧ ଦେଇ, ସ୍ୱାସ୍ଥ୍ୟବୀମା ଯୋଗାଇ ଏବଂ ଅଧିକ ମେଡିକାଲ କଲେଜ ଖୋଲି। ତେଣୁ ଆମର ଭବିଷ୍ୟତ ପାଇଁ ଆନ୍ଦୋଳନ ଜରୁରୀ। ଆମ ଆନ୍ଦୋଳନରେ ସାମିଲ ହେଇଛନ୍ତି ଦୁର୍ଘଟଣା ଘଟଉଥିବା କ୍ରିୟା–ପ୍ରତିକ୍ରିୟା ଦଳର ସଦସ୍ୟମାନେ। ସେଥିପାଇଁ ଆପଣ ଦେଖୁଥିବେ ଦୁର୍ଘଟଣା ବି ସକାଳଠୁ ବନ୍ଦ ହେଇଛି।"

କିଛି ସମୟ ଅଟକି ସଭାପତି ତାଙ୍କ ଦାବି ଉପସ୍ଥାପନ କଲେ ସାମ୍ବାଦିକଙ୍କ ସାମ୍ନାରେ– "ଆମର ଦାବି ସରକାର ସ୍ୱାସ୍ଥ୍ୟବୀମା ଉଚ୍ଛେଦ କରିବେ, ହସ୍ପିଟାଲଗୁଡ଼ିକରୁ ସୁରକ୍ଷା ବ୍ୟବସ୍ଥା କୋହଳ କରାଯିବ, ନିମ୍ନମାନର ଔଷଧ ଯୋଗାଣ ସାଙ୍ଗକୁ ବିନା ଲାଇସେନ୍ସରେ ରୋଗୀ ଚିକିତ୍ସା ପାଇଁ ଡାକ୍ତରମାନଙ୍କୁ ଅନୁମତି ଦେବା ଏବଂ ମେଡିକାଲ କଲେଜର ସିଟ୍ ହ୍ରାସ। ତିନିଦିନ ଭିତରେ ସରକାର ଦାବି ନ ମାନିଲେ ଆମେ ବିଧାନସଭାରେ ପଶି ସିଧାସଳଖ ଆଇନକୁ ହାତକୁ ନେବୁ।" ମୋ' ଦେହର ଯନ୍ତ୍ରଣା ପୂରା ଗାଏବ ହେଇଯାଇଥିଲା। ତଥାପି ମୁଁ ଉଠୁ ନ ଥିଲି, କାହାର ନରମ ଛୁଆଁରେ ମୋ' ନିଦ ଭାଙ୍ଗିଗଲା। ଆଇସିୟୁରେ ମୁଁ ଥିଲି। ବାସ୍ତରି ଘଣ୍ଟାର ଅବ୍‌ଜର୍ଭେଶନ୍‌ରେ ମୋତେ ରଖାଯାଇଥିଲା। ନାଇଟ୍ ସିଫ୍ଟର ସୁନ୍ଦରୀ ନର୍ସ ଚୁଲ୍‌ରେ ବସିଲାବେଳେ ଢୋଳେଇ ପଡ଼ିଛି ଆଉ ତା' ଛୁଆଁରେ ମୋ' ନିଦ ଭାଙ୍ଗିଛି।

ମୁଁ ସଙ୍ଗେସଙ୍ଗେ ଉଠି ବସିଲି, କହିଲି ମୁଁ ପୂରାପୂରି ଠିକ୍ ହେଲିଣି, ମୋତେ ଯିବାକୁ ଦିଅ। ନର୍ସ ତାଗିଦ୍ କରି ଶୋଇବା ପାଇଁ କହିଲା, ପେନ୍‌କିଲର ଦିଆଯାଇଥିବାରୁ ମୁଁ ଯନ୍ତ୍ରଣାମୁକ୍ତ।

ଓଃ! ତା'ହେଲେ ମୁଁ ସ୍ୱପ୍ନ ଦେଖୁଥିଲି।

ଏବେ ମୁଁ ଆଖି ବନ୍ଦ କଲି। ପୁଣି ଧାଁ–ଦୌଡ଼ ଆରମ୍ଭ ହୋଇଗଲା; ଭୂତାଣୁ, ଜୀବାଣୁ, ପରଜୀବୀମାନଙ୍କର। ସେପଟେ କ୍ୟାବିନେଟ୍ ସେକ୍ରେଟାରୀମାନେ ଧାଁ–ଦୌଡ଼ରେ ବ୍ୟସ୍ତ ଥିଲେ। ଦାବି ମାନିବା ପାଇଁ ସରକାର ତତ୍ପରତା ଦେଖାଉଥିଲେ।

ମୁଁ କଡ଼ ଓଲଟାଇଲି। ଏଥର ସୁନ୍ଦରୀ ନର୍ସମାନେ ଧାଁ–ଦୌଡ଼ ଆରମ୍ଭ କରିଦେଇଥିଲେ ମୋ' ମସ୍ତିଷ୍କ ଭିତରେ।

ତଥାପି ରାତି ପାହି ନ ଥିଲା, କିନ୍ତୁ ସରକାରୀ ପ୍ରୋତ୍ସାହନରେ ଭୁଶୁଡ଼ି ପଡୁଥିଲା ସ୍ୱାସ୍ଥ୍ୟ ବ୍ୟବସ୍ଥା।

– ରାଜଧାନୀ ମହାବିଦ୍ୟାଳୟ, ଭୁବନେଶ୍ୱର–୩

# ବାର୍ଦ୍ଧକ୍ୟ ଭତ୍ତା



ଝୁମ୍ଝୁମ୍ ନାୟକ

କଡ଼ ଲେଉଟେଇଲା କନି। ଅନ୍ଧାର ଭିତରେ ତାକୁ ଶୁଭୁଥିଲା ଧ୍ରୁବ ବାପାର ଖର ନିଃଶ୍ୱାସ। ସେ ଶୋଇଛି କି ଚେଇଁଛି ତା' ମୁହଁ ଦେଖିଲେ ଜାଣିପାରେନି କନି। ଦିନଯାକର ହାଡ଼ଭଙ୍ଗା ଖଟଣିରେ ପଡୁପଡୁ ନିଦ ମାଡ଼ିଆସେ ତାକୁ। ଦୁଃଖ ସୁଖ ହେବାକୁ ବେଳ କୋଉଠୁ ଆସିବ! ତା' ସଂସାରରେ ଯେତେ ଅଭାବ ଥାଉନା କାହିଁକି କନି କିନ୍ତୁ ସ୍ୱପ୍ନ ଦେଖେ। 'ବଖରାଏ ସଫାସୁତୁରା ଘର, ଆମ୍ବ କି ପଣସ କାଠର ଯୋଡ଼ା ପଲଙ୍କ ଉପରେ ଯାଉଁଳି ତକିଆ। ତକିଆରେ ମୁଣ୍ଡ ଦେଇ ଶୋଇଛି କିଏ ଜଣେ। ଉଷୁମୁଳିଆ ଝାଳୁଆ ଗନ୍ଧ ନୁହେଁ କେମିତି ଗୋଟାଏ ମିଠା ବାସ୍ନା ଘରଟାସାରା ଖେଳି ବୁଲୁଛି। କନି ଗାଧୋଇ ପାଧୋଇ ସଫା ଲୁଗା ବଦଳେଇ ଆସେ। ଠଣାରୁ ପାଉଡର ଡବା କାଢ଼ି ଦେହ ମୁହଁରେ ବୋଳେ। ଶିଙ୍ଗ ଦାନ୍ତ ପାନିଆରେ ତା' ଲମ୍ବା ଗହଳ ଚୁଟିକୁ ମାଠିମୁଠି ବେଣୀ କରି ପିଠି ଉପରକୁ ଫିଙ୍ଗି ଦିଏ। ଲାଇଟ୍ ଲିଭେଇ ଗଡ଼ି ପଡ଼େ ସେଇ ସଫା ବିଛଣାରେ।' ଧ୍ରୁବର ରାହାଧରା କାନ୍ଦ ତା' ସପନକୁ ସେଇଠି ଗଣ୍ଠି ପକେଇଦିଏ।

କଡ଼ ଲେଉଟେଇଲା ଧ୍ରୁବ ବାପା, ଓଃ ଝାଳୁଆ ଗନ୍ଧରେ ଅଣନିଃଶ୍ୱାସୀ ହୋଇ ଉଠିପଡ଼ିଲା କନି। ନିଦ ଭାଙ୍ଗିଯିବ କି ଧ୍ରୁବ ବାପାର କନିର ଏକଡ଼ ସେକଡ଼ ଖଡ଼୍ଖାଡ଼୍ ଶବ୍ଦରେ। ଆହା ବିଚରା କାହା ଲାଗି ଖଟୁଛି! ପିଲା ବକଟେ ଭୂଇଁରୁ ଉଠିନି ଏଯାଏ। କନିର ସପନଠୁଁ ଧ୍ରୁବ ବାପାର ସପନ ଭିନେ। କନି ଭଲ ଖାଇବ, ଭଲ ପିନ୍ଧିବ, ଭଲରେ ଚଳିବା କଥା ଭାବେ। ଧ୍ରୁବ ବାପାର ଭାବନାରେ କଅଁଳିଆ ଡେଣା ଦୁଇଟା। ତା' ପୁଅ ପାଠ ପଢ଼ିବ, ବାବୁ ହେବ, ଧୋବ ଜାମା ପ୍ୟାଣ୍ଟ୍ ପିନ୍ଧିବ, ତା' ପରି ମଇଳା ଧୋତି ସାତସିଆଁ କୁର୍ତ୍ତା ପିନ୍ଧି ବାବୁଘର ପିଣ୍ଡା ତଳକୁ ବସିବନି।

କନି ମୁହଁ ମୋଡ଼େ, ''ତୋ' ମୁହଁରେ ଲାଜ ନାହିଁ, ସକାଳ କଥା ରାତିକୁ ନାହିଁ, ଯାରି ପୁଅ ବାବୁ ହଉଚି। ଏକାଥରକେ ତିନିଜଣଙ୍କ ପାଇଁ ଭାତ ଯୋଗାଡ଼ କର, ତା'ପରେ ପୁଅକୁ ବାବୁ କରିବୁ।''

ବାପା କାନ୍ଧରେ ଝୁଲିପଡ଼େ ଧ୍ରୁବ, ''ବାପା ମୋ' ପାଇଁ କଲମ କିଣିଦେ ମୁଁ ଆଉ ଖଡ଼ିରେ ଲେଖିବିନି।''

ଧ୍ରୁବ ବାପା ସଳଖି ଠିଆ ହୁଏ, ପୁଅକୁ କାନ୍ଧକୁ ଉଠେଇ ଆକାଶ ଦେଖାଏ। ଫରଚା ଆକାଶ। ଜହ୍ନକୁ ଦେଖେଇ କୁହେ 'ଦେଖ୍ ଜହ୍ନମାମୁ, ମାମୁଘର ଯିବୁ, ଦୁଧଭାତ ଖାଇବୁ।'

କନି ଦାନ୍ତ ଚାପି କହେ: ''ମାମୁଘର ବାପ ଗଲାଦିନୁ ଭାଇ ପିଣ୍ଡା ଚଢ଼େଇ ଦେଇନି ଏଯାଏ। ସପନ ଦେଖୁଚି ମାମୁଘର ଯିବ।''

ଦିନ ଗଡ଼ିଚାଲିଲା ରାତି ଆଡ଼କୁ। ରାତି ମୁହଁଟେକି ଚାହିଁଛି ସକାଳ ଆଡ଼କୁ। ସପନ ସବୁ ଖଣ୍ଡିଉଡ଼ା ଦେଲେଣି ଧ୍ରୁବ ବାପାର। ପେଟକୁ ମାରି ପିଠିକୁ ପଛ କରି ଧ୍ରୁବାକୁ ହାଇସ୍କୁଲରେ ନାଁ ଲେଖି ଫେରିଲାବେଳକୁ ତା' ଗୋଡ଼ରେ ଯେମିତି ପର ଲାଗିଗଲା। ଓଳିତଳୁ ଡାକ ଛାଡ଼ିଲା କନିଲୋ ଶୁଣ, ଆଉ ଅଳପ ବାଟ ରହିଲା ଧ୍ରୁବର ମାମୁଘର। ତୁ ଦେଖିବୁ ଯୋଉଦିନ ମୋ' ଧ୍ରୁବ ବାବୁ ହୋଇ ଠିଆ ହେବ ସେଇଦିନ ତୋ' ବାପଘର ଲୋକ ବାହାର ପିଣ୍ଡାରେ ବସି ମୋ' ପୁଅକୁ ଅନିସା କରିଥିବେ। ତୋ' କାନି ଦେଖା ମୁଁ ଗଣ୍ଠି ପକାଏ।

କନି ହାତ ଦୁଇଟା ଯୋଡ଼ି ଉପରକୁ ଉଠାଏ, ଛଳଛଳ ହୋଇଯାଏ ତା' ଆଖି। ସାତସିଆଁ ଲୁଗା ଫାଙ୍କରୁ ତା' ଗୋରା ଦିହଟା ଆଡ଼କୁ ଚାହିଁ ଭାବୁଥିଲା ଧ୍ରୁବ ବାପା। 'ପୁଅ କୋଉଠି କୂଳ ଧଇଲେ ତାକୁ କହିବି ତୋ' ବୋଉକୁ ଆଗ ଖଣ୍ଡେ ଦାମିକା ଲୁଗା ଦେ। ମୋର ହେଲେ ହେଲା ନଇଲେ ନାହିଁ।' ତା' ଆଡ଼କୁ ଏମିତି ହାଁ କରି ଚାହିଁଥିବାର ଦେଖି କନି ରାଗରେ କହିଲା: ''ଗୋଟାକର ପେଟ ପୂରୁନି କି ପାଠ ପଢ଼ିବାକୁ ପଇସା ଯୋଗାଡ଼ କରିପାରୁନୁ, ମୋ' ପାଖ ମାଡ଼ିବୁନି କହୁଚି।'' ହସିଦେଲା ଧ୍ରୁବ ବାପା, କଣା ଚାଳ ଉପରେ ଘରଚଟିଆ ଛୁଆଗୁଡ଼ା ଡେଉଁଥା'ନ୍ତି। ତା' ମୁଣ୍ଡଯାକ ଧୂସ। ସେମିତି ଧୂସରିଆ ତା' ଦେହ। କନିର ତା' ଠେଇଁ ମନ ମାନେନି, ଏ କଥା ସେ ଜାଣେ। ହେଲେ ତାକୁ ପଖାଳ କଂସାଏ ବାଢ଼ି ଦେଇସାରିଲେ ଯାଇ ତୋରାଣି ମୁନ୍ଦିଏ ପିଏ। ଅଭାବି ସଂସାରରେ ନିଜ କଥା ଭାବିବାକୁ ବେଳକାଳ କୋଉଠୁ ଆସେ।

ଧ୍ରୁବଟା ମା'ବାପାଙ୍କ ସପନଠୁଁ ଆହୁରି ପାରିଲା ପିଲା। ବହି ତା'ର ମୁହଁରେ। ବାହାର ଦୁନିଆ କଥା ଜାଣିବା ପାଇଁ ହରି ସାହୁ ବହି ଦୋକାନରେ ସମାଜ କାଗଜକୁ ଜଗି ବସେ। ତା'ର ସବୁ ଗରାଖ ଗଲା ପରେ ସେ ପଢ଼େ ଆଉ ତା'ପରେ ଘରକୁ ଆସେ। ରାତି ରାତି ଆକାଶ ଆଡ଼କୁ ଚାହିଁ ବସେ। ଜହ୍ନ ସାଙ୍ଗରେ ଆଗ ପଛ ହୁଏ। କନି ମନରେ ଛନକା ପଶେ ; କିନ୍ତୁ ଧ୍ରୁବ ବାପାର ଆକାଶଯାକ ଭରସା ପୁଅ ଉପରେ।

ଏବେ ବୁଢ଼ା ଆଖିକୁ ଆଉ ଭଲ ଦେଖାଯାଉନି; ଅନ୍ଧାରରେ ବାଟ ଅଣ୍ଡାଳି ଚାଲୁଛି। ତା' ଆଗରେ ଡିବିରି ଜଳିଲେ ଯାହା ନ ଜଳିଲେ ତାହା। କଣା ଚାଳବାଟେ ସୂରୁଯ ସାଙ୍ଗେ ବରଷା ପାଣି ବି ଘରେ ପଶୁଛି। ଓଦା କାନ୍ଥ କେତେବେଳେ ଦୁଲୁକି ପଡ଼ିବ। ବୁଢ଼ାର ଶ୍ୱାସ ବେମାରି ପାଇଁ ଘରେ ଆଉ କଂସା ଖଣ୍ଡେ ନାହିଁ ଖାଇବାକୁ। ଧ୍ରୁବ ମାଟ୍ରିକ୍ ପାଶ୍ କରିବା ପରେ କଲେଜ ପଢ଼ା କଥା ସେ ଆଉ ଭାବି ପାରୁ ନ ଥିଲା।

ଇସ୍କୁଲ ମାଷ୍ଟର ସୁଧାକର ସାର୍ କହିଲେ: ''ଧ୍ରୁବ ସ୍କଲାର୍ଶିପ୍ ପାଇବ, ତମେ କିଛି ମିଶେଇଲେ ସେ ଆଗକୁ ପଢ଼ିବ। ଏ ଗାଁ କ'ଣ ଏ ରାଇଜରେ ତା' ପରି ବୁଦ୍ଧିଆ ପିଲା ନାହାନ୍ତି।'' ଧ୍ରୁବ ବାପାର ସପନ ପକ୍ଷୀ ପୁଣି ଥରେ ଡେଣା ଝାଡ଼େ। କନି ମାଣ୍ଡିଆ ଯାଉରେ କ୍ଷୀର ଟୋପେ ଯୋଗାଡ଼ିବା ପାଇଁ ଆଉ ତିନିଘର କାମ ଯୋଗାଡ଼ରେ ଲାଗେ। ତା' ଆଖି ଭିତରକୁ ଭିତରକୁ ଯାଏ, ଧ୍ରୁବ ବାପାର ନହକା ଗୋଡ଼ ଏଠିସେଠି ପଡ଼େ। ଧ୍ରୁବ କିନ୍ତୁ ସଳଖି ଠିଆହୁଏ।

ଯା ଭିତରେ କେତେଗୁଡ଼ାଏ ଦିନ ଗଡ଼ିଗଲାଣି। ପୁଅ ସହରକୁ ଗଲାଦିନଠୁ ମାଟି କାନ୍ଥ ଉପରେ ଇଟାରେ ଗାର ଟାଣୁଥିଲା କନି। ଗାର ଲମ୍ବିଲମ୍ବି କାନ୍ଥ ଶେଷକୁ ଛୁଇଁଲା। ପୁଅର ପଢ଼ା ସରିଲା କି ନାହିଁ ସେମାନେ ଆଉ ଜାଣି ପାରିଲେନି। ଧ୍ରୁବ ବାପାର ବୟସ କେବେ ଗଡ଼ିଗଲା ସେ ଆଉ ମନେ ପକାଏନି। ପିଲାଥିଲା ଯୁଆନ ବାପ ସେ, ସେତେବେଳେ କନି ତା' ଘରକୁ ତୋଳାକନିଆ ହୋଇ ଆସିଥିଲା। ଧ୍ରୁବକୁ ଚାହିଁ ସେ ଖାଲି ଦଉଡ଼ିଲା ଆଉ କନିକୁ ଦୋଉଡ଼େଇଲା ପୁଅର ହାତ ଧରି। କେତେବେଳେ ପୁଅ ଆଗେଆଗେ ପଛରେ ବାପା ମା', ପୁଣି କେତେବେଳେ ଓଲଟା। ପୁଅ ଏବେ କେତେ ବାଟରେ। ବାପା ମା' ଦି'ଟା କାହିଁ କେତେ ପଛରେ। ପୁଅର ଛାଇ ବି ଦେଖିବା ସପନ। ପୁଅକୁ ଅନେଇ ଅନେଇ ଧ୍ରୁବ ବାପାର ଆଖିରୁ ପୁଅ ଖସିଗଲାଣି।

ଗାଁ ଲୋକ କହିଲେ ଯା' ଦରଖାସ୍ତ ଦେ ଅଫିସ୍‌ରେ, ତତେ ବାର୍ଦ୍ଧକ୍ୟ ଭତ୍ତା ମିଳିବ। କନି ମୁହଁକୁ ଚାହିଁ ପାରେନି ବୁଢ଼ା। କିଛି ନ କହିଲେ ବି ସେ ଶୁଣିପାରେ ଯେମିତି କନି ଗରଗର ହୋଇ କ'ଣ କହୁଛି। କନି ହାତକୁ ଭରସା କରି ଠିଆ ହଉଚି ବସୁଛି। ସିଏ ଯଦି ଦିନେ ଶୋଇପଡ଼ିବ ଦି'ଜଣଯାକ ଖାଇବା ବିନା ମରିଯିବେ ଏକାସାଙ୍ଗରେ। କନି କିନ୍ତୁ ଅଣ୍ଟାରେ ଲୁଗା ଭିଡ଼ି କାମ କରେ। ଭାତ ଦି'ମୁଠା ସାଙ୍ଗରେ ବୁଢ଼ା ପାଇଁ ପଥି ପାଣି ବି କରେ।

ଆଜି କଅଣ ପରବ କେଜାଣି। ଗାଁସାରା ଲୋକ ଗୋଟିଏ ଜାଗାରେ ମେଳି ହୋଇଛନ୍ତି। ସରକାରୀ ଗାଡ଼ି ଗାଁ ଦାଣ୍ଡରେ ଜମା ହୋଇଛି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଗାଁକୁ ଗାଁ ପିଚୁ ରାସ୍ତା। ରାସ୍ତାର ଦୁଇପଟେ ତୋରଣ ବନ୍ଧା ହଉଛି। ଗାଁ ଦାଣ୍ଡରେ ଗୋଟିଏ ପତର ବି ଦିଶୁ ନ ଥିଲା। ବୁଢ଼ା ପିଣ୍ଡାରେ ବସି ଚାହିଁଥିଲା। କନି ଏତେବେଳ ଯାଏ ବାବୁଘର କାମରୁ ଲେଉଟି ନ ଥିଲା। ତା'ର ଦାଣ୍ଡ ବୋଲି ସୋରାଏ। କାଠଧଡ଼ା ଠେଲି ଦୁଇ ଚାରିଜଣ କିଏ ତା' ନୁଆଁଣିଆ ଚାଳ ତଳକୁ ମୁଣ୍ଡ ଟୁଙ୍ଗାରୁଥିଲେ। ବୁଢ଼ା ପଚାରିଲା କିଏ କିରେ, କାହାକୁ ଅନିସା କରୁଚ। ବେଶୀ ଦୂରକୁ ଦେଖିପାରେନା ବୁଢ଼ା। ତା' ଭତ୍ତା ଟଙ୍କା ଦବାକୁ ଆସିଥିଲେ କି ବାବୁମାନେ, ଭାବୁଥିଲା ବୁଢ଼ା। କନିକୁ ସାଙ୍ଗରେ ନେଇ କେତେ ଆପତ୍ତି ଅଭିଯୋଗ କରି ଆସିଥିଲା ସରକାରଙ୍କ କାନରେ ବାଜିଲା କି ତା' ଡାକ। ନ ହେଲେ ଏତେ ଲୋକ ଏ ଗାଁରେ ଥାଉଥାଉ ତା' ଘର ଦୁଆରେ କାହିଁକି ଭିଡ଼ କରିଛନ୍ତି ବାବୁମାନେ! ଦମା ଉଠୁଛି ବେଳ ଅବେଳରେ। କନି ମନା କରି ଯାଇଛି ଉଠିବାକୁ। କାହାକୁ ପଚାରିବ, ବାଦୁଡ଼ି ପରି ପଲପଲ ମଣିଷ ତା' ଘର ଆଗରେ ତା' ଡାକ କାହାକୁ ଶୁଭୁନି। ବାଡ଼ିଟାକୁ ସଳଖ କରି ଉଠିବାକୁ ଚେଷ୍ଟା କରୁଥିଲା ବୁଢ଼ା। ଏ କନିଟା ଏଯାଏ କୁଆଡ଼େ ଗଲା।

କନି କନି କାହିଁକି ହଉଚୁ, ମୁଁ କ'ଣ ବୁଢ଼ୀ ହୋଇନି, ମୋ' ଗୋଡ଼ରେ କଅଣ ଘୋଡ଼ା ଗୋଡ଼ ଲାଗିଗଲା, ମୁଁ ଦଉଡ଼ିବି ମଲାଯାଏ। ଚୁପ୍ ହୋଇଗଲା ବୁଢ଼ା। ସତରେ ତା' ଦିହରେ ଖାଲି ହାଡ଼ ଦି'ଖଣ୍ଡି, ତା' ଉପରେ ଚମଡ଼ା ଢଙ୍କା ହୋଇଛି ଯାହା। କନିକୁ ଚାହିଁ କହିଲା ବୁଢ଼ା: 'କେତେ ଆଉ ତୁ ଖଟିବୁ।'

''ଥାଉ ଥାଉ ଆଉ ଦରଦ ଦେଖାନି, ଯେତେବେଳେ ଦେଖେଇବା କଥା ସେତେବେଳେ ଆଗ ମାଇପର ପୁଅ ପିଛା ଖଟେଇଲୁ। ଏବେ ଏଇ ବାଂଝ କନିଠି ଏତେ ଦରଦ କିଆଁ। ବୁଢ଼ାକାଳେ ସେବା ପାଇବୁ ବୋଲି ମତେ ପୋଇଲି କରି ଆଣିଥିଲୁ।''

ଶେଷଆଡ଼କୁ ତା' କଥା ଅଧେ ତଣ୍ଟିରେ ରହିଗଲା। ଡବଡବ ଆଖି କରି ବାରିଆଡ଼କୁ ପଳେଇଲା କନି। ଡବଡବିଟା ଟାଣଟାଣ କଥା କହେ ସିନା ; ଧ୍ରୁବକୁ ତା'ର ବେଶୀ ଶରଧା ତା' ବାପଠୁ। ଏଇକଥା ଗାଁ ସାରା ଲୋକେ ଜାଣନ୍ତି। ଧ୍ରୁବ ନାଁଟା ଯେମିତି ନିଆଁଖୁଣ୍ଟା ଖେଞ୍ଚିଦେଲା ତା' ହାଡୁଆ ଦେହରେ। ଆଖି ବନ୍ଦ କରି କହିଲା ନା ମୋର କେହି ପୁଅ ନାହାନ୍ତି। ମିଞ୍ଜିମିଞ୍ଜି ଆଖିକରି ଦାଣ୍ଡଆଡ଼କୁ ଚାହିଁଲା ବୁଢ଼ା।

ମୁଣ୍ଡରେ ଲୁଗାଦେଇ କନି କାହା ସାଙ୍ଗେ କଥା ହେଉଛି। ଘରଡିହ ବନ୍ଧା କାଗଜ ନେଇ ଆଇଚି କି ପଧାନ ମହାଜନ। କନି ସାଙ୍ଗେ କଅଣ ବଚସା କରୁଚି ସୁଧ ମୂଳକୁ ଟପି କୋଉଠି ପହଞ୍ଚିବଣି। ଏ ଜନମ କଅଣ ଦଶ ଜନମ ଗଲେବି ତା' ଡିହ ଆଉ ତା'ର ହବନି। ଏ ବୁଢ଼ା ବୟସରେ କନିକୁ ନେଇ କାହା ପିଣ୍ଡାରେ ଆଶ୍ରା ଖୋଜିବି। ତାକୁ ଲାଗିଲା ଏଇନା ଯେମିତି ରାକ୍ଷସ ପରି ଆଖି ଆଗରେ ଉଭା ହବ ମହାଜନ। ଟାଣିଟାଣି ବାହାର କରିଦେବ ତାକୁ ଚାଳ ତଳୁ। କନିର ମାଟି ଉପରେ ଅଧାପୋତା ହାତ ବାକ୍ସ। ପୁଅର ଟିଣ ଟ୍ରଙ୍କ୍‌ଟାକୁ ଘୋଷାରି ଘୋଷାରି କାଢ଼ି ପିଙ୍ଗିଦବ ପଧାନ ଘର ପିଆଦା ରଘୁ। 'ବୁଢ଼ା ପାଟି କରି ଉଠିଲା, ଏ ସେଇଟାରେ ହାତ ଲଗାନା କହୁଚି। ସବୁ ନେଇଯା ସେଇଟା ଛୁଉଁନା। ଆଜି ନ ହେଲେ କାଲି ମୋ' ଧ୍ରୁବ ଆସିବ। ତା' ବହିପତ୍ର ଖାତା କଲମ ସବୁ ସେଇ ବାକ୍ସ ଭିତରେ ଅଛି। ଚିହ୍ନିବୁ ମତେ, ମୁଁ ବୁଢ଼ା ହୋଇଗଲି ବୋଲି ତୁ କଅଣ ଭାବିଚୁ ମୋର କେହି ନାହାନ୍ତି। ଏମିତି ଦିନ ଦ୍ୱିପ୍ରହରରେ ଦାଣ୍ଡରେ ବସେଇଦବୁ। ମୋ' ବାପ ଗୋସେଇଁ ବାପ ଅମଳର ଡିହ, ମୋର ଗୋଟିଏ ବୋଲି ପୁଅ, ଆରେ ଆଜି ଘରକୁ ନ ଅଇଲା ନାହିଁ କାଲି ତ ଆସିବ ବାପାକୁ ପିଣ୍ଡ ଦେବାକୁ।'

ବୁଢ଼ା ପାଟି ଶୁଣି କନି ଦଉଡ଼ି ଆସିଲା। କଅଣ ହଉଚି, କାହା ସହିତ ଏଡ଼େ ପାଟିରେ କଥା ହେଉଚ। ସରପଞ୍ଚ ବାବୁ ଆସିଛନ୍ତି ପରା। କାଇଁକି ଆସିଛନ୍ତି ମତେ ଏଯାଏ କହିନୁ। ବୁଢ଼ା ତା' ଠେଙ୍ଗାକୁ ସଳଖ କରି ଠିଆହେଲା। ସରପଞ୍ଚଙ୍କର ଦାୟିତ୍ୱ ଯେମିତି ତିନିଗୁଣ ବଢ଼ିଯାଇଛି। ସବୁଠୁ ବଡ଼ କାମ ଦୁଇଦିନରେ ବୁଢ଼ାର ଏ ଘରଟା ମାଟି କାନ୍ଥ ତଳୁ ଚାରିହାତ ମୁଣ୍ଡଟେକି ଠିଆହେବ। କୋଉଦିନଠୁ ଅଛପରିଆ ଚାଳ ଉପରେ ନୂଆ ନଡ଼ାବିଡ଼ା। ଫଟା କାନ୍ଥରେ ଚୂନ ସିମେଣ୍ଟ ପାଣି ମିଶାହେଇ କାନ୍ଦୁରା ମୁହଁରେ ଧାରେ ହସ ପରି ଦେଖାଯାଉଥିଲା। ଚାଳ ଉପର ସାରା ଗେଣ୍ଡୁ ହାର। ଧଡ଼ା ଖୋଲାହୋଇ ବାଉଁଶ ତୋରଣ ବନ୍ଧା ହଉଥିଲା। ସରପଞ୍ଚ ବାବୁ କନି ହାତକୁ ବଢ଼ାଇ ଦେଲେ ନୂଆ ଶାଢ଼ି ଆଉ ଯୋଡ଼ ଖଣ୍ଡେ। ନିଅ ମା' ବଦଳେଇ ପକେଇ ଆସ। କନି କାମତୁଣିକୁ ସରପଞ୍ଚ ବାବୁ ଡାକୁଥିଲେ 'ମା'। ବୁଢ଼ା କିଛି ବୁଝି ପାରୁ ନ ଥିଲା।

ଗାଁ ସ୍କୁଲର ପ୍ରଧାନ ଶିକ୍ଷକ ପେପରଟିଏ ମେଲେଇ ଦେଲେ ବୁଢ଼ା ଆଗରେ। ଚିହ୍ନିଲ ମଉସା ଇଏ କିଏ। ବୁଢ଼ା ମୁହଁରେ ନେସି ହେଇ ରହିଥାଏ ବହଳ ଉଂଚାର ଖାପଛଡ଼ା ଉଦାସ ଭାବଟିଏ। ପିନ୍ଧା ଧୋତିକାନିରେ ଆଖି ପୋଛି ନିରେଖି ନିରେଖି ଦେଖୁଥିଲା ବୁଢ଼ା। ପଡ଼ିଶା ଘର ବାଡ଼ିପଟ କୂଅରୁ ବାଲ୍‌ଟିଏ ପାଣି ଆଣି ରଖିଲା କନି। ପେଡ଼ିରୁ କାଢ଼ିଲା ସଫା ଗାମୁଛାଟାଏ। କନି ଆଖିରୁ ଝରି ପଡ଼ିଲା ଦୁଇ ତିନି ବୁନ୍ଦା ପାଣି ବାଲ୍‌ଟି ଉପରେ। ଜୀବନ ଉପରେ ଆଶାର ମୁକ୍ତାଟିଏ ପରି। ଏ ଘରକୁ ଆଇଲା ଦିନୁ ଅପାଠୁଆ କନି ଭୂଇଁରେ ପଡ଼ି ରାହା ଧରି କାନ୍ଦୁଥିବା ଧ୍ରୁବ ମୁହଁକୁ ଚାହିଁ ପଣ କରିଥିଲା ମନେମନେ। ପୁଅ ତ ପୁଅ, ପୁଣି ସାବତ ପୁଅ କଅଣ। ଦରବୁଢ଼ା ବାପର କନିଆ ହେବାଠୁ କଅଁଳା ପୁଅର ମା' ହେବାଟା ସୁଖକର ମଣିଥିଲା ସେ। ଧ୍ରୁବ ବାପା ତା' ମନକୁ ପାଇ ନ ଥିଲା। ନ ଥିଲା ଘରର ଝିଅ ସେ, ବାପ ଦୋଭେଇ ବର ହାତରେ ତାକୁ ସଅଁପି ଦେଲାବେଳେ ବାପ ମୁହଁ ଚାହିଁବନି ବୋଲି ପଣ କରି ବାପଘର ଛାଡ଼ିଥିଲା କନି। ଧ୍ରୁବର ମା' ମା' ଡାକ ଭିତରେ କେତେବେଳେ ତା' ମୁଣ୍ଡବାଳ ସବୁ ପାଚିଗଲା ସେ ଜାଣିପାରିଲାନି। କୁଟାଟିଏ କାଠିଟିଏ ପାଇଲେ ସଜାଡ଼ି ରଖେ ଧ୍ରୁବ ପାଇଁ। ଧୀରେଧୀରେ ତା' ଦେହରେ ପର କଅଁଳିଲା ଖଣ୍ଡିଉଡ଼ା ଦେଉଦେଉ କୁଆଡ଼େ ବାଟବଣା ହୋଇ ଉଡ଼ିଗଲା ଯେ।

ସରପଞ୍ଚ ବାବୁଙ୍କ ଡାକରେ ଚେତା ପଶିଲା କନିର। ପୁଲିସ୍ ଗାଡ଼ି ଅଟକିଲା ତା' ଘର ସାମ୍ନାରେ। ତା' ପଛକୁ ପଛକୁ ଦୁଇ ତିନିଟା ଗାଡ଼ି। ସ୍କୁଲ ପିଲା ଫୁଲ ବର୍ଷା କଲେ ଗାଡ଼ି ଉପରେ। ଫୁଲରେ ପୋତି ହୋଇ ଆଗକୁ ଆଗକୁ ଗଡ଼ି ଚାଲିଲା ଗାଡ଼ି ସବୁ। ସବାପଛରେ ସରପଞ୍ଚ ବାବୁ ବୁଢ଼ା ବୁଢ଼ୀକୁ ନେଇ ପହଞ୍ଚିଲେ ସ୍କୁଲ ବାରଣ୍ଡାରେ। ପିଲାଏ ଜାତୀୟ ସଙ୍ଗୀତ ଗାଇଲେ। ପ୍ରଧାନ ଶିକ୍ଷକଙ୍କ ଭାଷଣ ପରେ ମୁଖ୍ୟ ଅତିଥି ଭାଷଣ ଦେବେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧାକର ବାବୁଙ୍କ କଣ୍ଠ ଓଦା ହୋଇ ଆସୁଥିଲା ଶେଷ ଆଡ଼କୁ ଆବେଗରେ ଆନନ୍ଦରେ। ''ଏଇ ମାଟିର ସନ୍ତାନ ଏଇ ଗାଁର ଅନ୍ନରେ ପ୍ରତିପାଳିତ ମୁଁ ପ୍ରତି ପିଲାଙ୍କୁ ହାତ ଧରି ପାଠ ପଢ଼ାଇଛି। ଭୁଲ କଲେ ବେଗୁନିଆ ଛାଟ ତାଙ୍କ ପିଠିରେ ଭାଙ୍ଗିଛି। ହେଲେ ମୁଁ କଅଣ ଜାଣିଥିଲି ମୋ' ଗାଁର ଧୂଳିମାଟିରେ ଗଢ଼ା ଏ ଦେଶର ଗୌରବ ଧ୍ରୁବ ବିଶ୍ୱାଳ ହିଁ ସ୍ପେସ୍ ସାଇଣ୍ଟିଷ୍ଟ ମିଷ୍ଟର ଡି. ପି. ବିଶ୍ୱାଳ ୟୁ.ଏସ୍.ଏ., ଭାରତ ସରକାରଙ୍କର ସର୍ବଶ୍ରେଷ୍ଠ ସମ୍ମାନ 'ଜାତୀୟ ମହାକାଶ ବୈଜ୍ଞାନିକ' ସମ୍ମାନରେ ସମ୍ମାନିତ। ସେ ଏଇ ଗାଁର ସନ୍ତାନ। ଆମ ସମସ୍ତଙ୍କର ଶ୍ରଦ୍ଧେୟ ତାଙ୍କୁ ମୋର ସଶ୍ରଦ୍ଧ ଆଶୀର୍ବାଦ ଏବଂ ମୁଁ ପ୍ରଣାମ କରୁଚି ତାଙ୍କ ପିତାମାତାଙ୍କୁ ଯେ ଏଭଳି ବରପୁତ୍ରକୁ ଦେଶପାଇଁ ଉତ୍ସର୍ଗ କରିଛନ୍ତି।'

ଆଖି ଭିତରେ ପାଣି ଜମି ଆସୁଥିଲା। ପଛଦିନ ଗୁଡ଼ା ଆଗପଛ ହୋଇ ତାଙ୍କୁ ଟପିଗଲା ଭଳି ମନେହେଉଥିଲା। ଘର ଛାଡ଼ି ସହରକୁ ଯିବାପରେ ପ୍ରଥମେ ପ୍ରଥମେ କେମିତି ଅସହାୟ ଲାଗୁଥିଲା। ବାପା କାନ୍ଧରେ ବସି ସ୍କୁଲରୁ ଫେରିବାବେଳେ ଗାଁ ଦାଣ୍ଡକୁ ଅନେଇ ଏକଲୟରେ ଠିଆ ହୋଇଥିବା ତା' ମାଆର ହସିଲା ମୁହଁ, ରସ ଥାଳିରେ ବାମ୍ଫଉଠା ଗରମ ଭାତ, ତା' ମା' ହାତରନ୍ଧା ପୋଇ ଚିଙ୍ଗୁଡ଼ି ରାଇର ବାସ୍ନା ବେଳେବେଳେ ତାକୁ ଆନମନା କରିଦିଏ। ତଥାପି ଆଗକୁ ଆଗକୁ ପାଦ ପକେଇ ଯିବାବେଳେ ସେ ଆଉ ବେଳ କରିପାରିନି ପଛକୁ ଚାହିଁବାକୁ।

ମୁଖ୍ୟ ଅତିଥି ମାଇକ ଧରିବାମାତ୍ରେ କରତାଳିରେ ଫାଟି ପଡ଼ିଥିଲା ସ୍କୁଲ ପଡ଼ିଆ। ସେ କିଛି କହିବା ପୂର୍ବରୁ ସରପଞ୍ଚଙ୍କ ହାତ ଧରି ମଞ୍ଚକୁ ଉଠିଥିଲେ ବୁଢ଼ା ଆଉ ତା' ସ୍ତ୍ରୀ କନି। ମୁଖ୍ୟ ଅତିଥି ବୁଢ଼ାକୁ ଚାହିଁଦେଇ ତା' ପାଖରେ ପହଞ୍ଚିବା ପୂର୍ବରୁ ବୁଢ଼ା ତାକୁ ପଛ କରି ମାଇକ୍‌ଟାକୁ ଜାବୁଡ଼ି ଧରି ବଡ଼ ପାଟିରେ ଚିତ୍କାର କରି କହିଲା– ''ସରପଞ୍ଚ ବାବୁ ମତେ ଏଠିକି କାହିଁକି ଆଣିଛନ୍ତି ମୁଁ ଜାଣିନି। କାଲିକୁ ଅନେଇ ଅନେଇ ଆଜିକୁ ଅଣ୍ଡାଳି ଅଣ୍ଡାଳି ବଞ୍ଚୁଥିବା ଖଟିଖିଆ ମୂଲିଆଟାଏ ମୁଁ। ଦିନରେ ଦୁଇବେଳା ଖାଇବା ପାଇଁ, ମତେ ଗଣ୍ଡେ ଭାତ ଖୁଆଇବା ପାଇଁ ଏ ବୁଢ଼ୀ ବୟସରେ ଅଣ୍ଟାରେ ଲୁଗା ଭିଡ଼ି ପର ଘରେ କାମ କରୁଥିବା ମୋ' ସ୍ତ୍ରୀଟି ଛଡ଼ା ମୋର ଆଉ କେହି ନାହାନ୍ତି। ସରପଞ୍ଚ ବାବୁ ଟାଣି ଟାଣି ଆଣିଛନ୍ତି ଏଇଠିକୁ। ମାଇକ୍‌ରେ ମୋ' ଦୁଃଖ କହିବି ସମସ୍ତେ ଶୁଣିବେ। ଦୁଃଖ ତ ମୋ' ଦେହରେ ନେସି ହେଇ କୋଉକାଳୁ ମିଶିଗଲାଣି। ଖାଲି ଏତିକି ଅଳି ବାବୁ ମୋ' ଭତ୍ତା ଟଙ୍କାଟା ମତେ କରେଇଦିଅ ସରକାର ବାବୁଙ୍କୁ କହି। ମୁଁ ଟିକେ ଓଷଦ ଖାଆନ୍ତି ଦମାଟା ଆଉ ସମ୍ଭଳା ପଡୁନି। ପଇସା ବଳିଲେ ମୋ' କନି ଖଣ୍ଡେ ନୂଆ ଲୁଗା ପିନ୍ଧନ୍ତା। ମୋର ଏତିକି କହିବାର ଥିଲା।''

– ମଣିନିଳୟ, ତଳତେଲଙ୍ଗା ବଜାର, କଟକ

# କ ବି ତା

## ଫଟୋଫ୍ରେମ୍

**ଜୟନ୍ତିକା**

ଫ୍ରେମ୍‌ରେ ବନ୍ଧା ଅନେକ ଫଟୋଗ୍ରାଫ୍
ଘର କାନ୍ଥରେ ଏବେ।
ସ୍ଥିର ମୁହୂର୍ତ୍ତମାନଙ୍କର ଅଦ୍‌ଭୁତ ଆକର୍ଷଣରେ
ସବୁ ଥର ପହଁରି ଯାଉଥାଏ ଆଖି
ଶୀତେଇ ଉଠୁଥାଏ ଦେହ।

ଚିତ୍ର ସମ୍ଭାର ଭିତରୁ କେବେ
ଚେତନାର ସରହଦ ଡେଇଁ ଉଙ୍କୁଟି ଉଠୁଥାଏ
ଅସ୍ପଷ୍ଟ ମୁହଁଟେ,
ଯିଏ ଜମା ନ ଥାଏ ସେ ଫ୍ରେମ୍ ଭିତରେ।

ବେଗବାନ ମୁହୂର୍ତ୍ତର ପଟୁଆର
ଫେରିଆସେ ଉଜାଣିଆ ହୋଇ
ଧପ୍‌କରି ଅଟକିଯାଏ ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ
ଯୋଉଠି ଝାପ୍‌ସା କୁହୁଡ଼ିଆ ଆବେଶ ଭିତରୁ
ଛାଇଟିଏ ଉଭାହୁଏ,
ହାତ ଧରି ପାଛୋଟି ନିଏ ସେଇ
ଅନ୍ଧାରିଆ ଘର ଭିତରକୁ।

ନାକରେ ବାଜୁଥାଏ ଗୋଟେ ଅଦ୍‌ଭୁତ ଗମୁରା ଗନ୍ଧ,
ପାଦ ତଳେ ଅସରନ୍ତି ଧୂଳିର ସାମ୍ରାଜ୍ୟ
ବନ୍ଦ ହୋଇ ପଡ଼ି ରହିଥିବା ଝର୍କା କବାଟ
ସବୁ ମିଶି ଏକ ଉଦାସ ଉଝୁନ୍ତରା ଭାବ
ଚରିଯାଉଥାଏ ଦେହ ମୁଣ୍ଡରେ।

ସେଇ ଅବ୍ୟକ୍ତ ଅସହାୟତାକୁ ନେଇ
ମୁଁ ରଚନା କରୁଥାଏ କାବ୍ୟ,
ଅସହ୍ୟ ଅପାରଗତା ସବୁ ସାଇତି ରଖୁଥାଏ
ସମ୍ପଦ କରି ହୃଦୟ ଭିତରେ।

ଇଏ କେଉଁ ଅଦୃଶ୍ୟ ଅନୁଭବର କଥା
ଯାହା ଟୋପେ ଶୂନ୍ୟତା ଭିତରେ ବଞ୍ଚି ରହିପାରେ
ସ୍ପଷ୍ଟ ହୋଇ ଜୀବନ୍ତ ରୂପରେ!

ଫ୍ରେମ୍‌ରେ ବନ୍ଧା ଅନେକ ଫଟୋଗ୍ରାଫ୍
ଘର କାନ୍ଥରେ ଏବେ।

*– ଜେକେବିକେ କଲେଜ, କଟକ*

## ସେତୁଟିଏ ଶବ୍ଦର

**ଡ. ପ୍ରହ୍ଲାଦ ଶତପଥୀ**

କବିତା ଆସିବ ବୋଲି କ'ଣ
ଚେଇଁବାକୁ ହେବ, ଝର୍କା କବାଟ ଖୋଲି
ଆଖି ମେଲି...
ଆଜିକାଲି ଆସୁନି କବିତା
ଭୁଲିଗଲାଣି ବୋଧହୁଏ ରାସ୍ତା
ହୁଏତ ମୋର ନିର୍ଦ୍ଦିଷ୍ଟ ଠିକଣା ନାହିଁ ଆଜିକାଲି।

ଫଟା ମାଟିର ଆଁ ଭିତରୁ
ବେଳେବେଳେ କବିତା ଆସିବାର ସମ୍ଭାବନା ଥାଏ
ହେଲେ ଚାଷୀ ଆତ୍ମହତ୍ୟାର ପ୍ରସଙ୍ଗ
ହୁଲ୍‌ସ୍ଥୂଲ କରିଦେଉଥାଏ ବିଧାନସଭା
କବିତା ନୀରବତା ଖୋଜୁଥାଏ।
ମନ୍ଦିର ଦେଇ ଜମା ଆସିବାର ନାଇଁ କବିତା
କୋର୍ଟକୁ ଗଲେ କେହି କ'ଣ ଫେରେ ଯେ
କବିତା ଫେରିବ!
ସବ୍‌ଜୁଡାଇସ୍‌ଡ କହି ଫେରେଇଦିଏ ମୋର ଆବେଗକୁ
କୋର୍ଟର ନାଲିଫିତା।

ମହାନଦୀରେ ବେରେଜ୍ ବନ୍ଧା ଚାଲିଛି
ଛତିଶଗଡ଼କୁ ନେଇ ଓଡ଼ିଶାର ରାଜନୀତି ସରଗରମ
ଜନତା ଓ ନେତା ମୁହାଁମୁହିଁ,
ମୁହାଁମୁହିଁ ହେଲେ ଶବ୍ଦ ସହ ଶବ୍ଦର
ଜମା କବିତା ହୁଏନି,
ସନ୍ଧି ବସିବାକୁ ହୁଏ ଶବ୍ଦକୁ ଶବ୍ଦ ସହ
କବିତା ସେତୁଟିଏ ଶବ୍ଦର!

କିଆଁ ଆସୁନି କବିତା ଆଜିକାଲି
ଗୋଟାଏ ହୃଦୟରୁ ଅନ୍ୟ ଏକ ହୃଦୟକୁ
କବିତା ଆସୁନି କିଆଁ ମୋର ଅଳିନ୍ଦକୁ
ନିଃଶ୍ୱାସ ପ୍ରଶ୍ୱାସକୁ?
ରକ୍ତ ହୋଇ ପ୍ରବାହିତ ହେଉନି କିଆଁ କବିତା
ଶବ୍ଦ ଦେଇ ଧ୍ୱନି ହେଇ ଆସୁନି କିଆଁ କବିତା,
ପ୍ରଥମ ଧାଡ଼ିରୁ ସବାଶେଷ ଧାଡ଼ିକୁ ଯିବା ଭିତରେ
ବିତିଯାଏ କିଆଁ କବିର ପୂରା ଆୟୁଷ?

ହୃଦୟର ଭାଷା ବୋଲୁନି ଆଜିକାଲି କବିତା
ପୁଞ୍ଜିବାଦର ଇସ୍ତାହାର ସାଜି
ବଜାରୀକରଣର କ୍ରୀତଦାସ ହେଲାଣି କବିତା
ପକ୍ଷୀକୁ ଖୋଜୁନି, ନଈକୁ ଛୁଉଁନି
ଆକାଶ ଦିନେ କବିତା କବିତା ଲାଗୁଥିଲା
ଏବେ କବିତାରେ ଆକାଶ ଖୋଜା ଚାଲିଛି
କେତେ ଯେ ଆକାଶ ଆଜିକାଲି କବିତାରେ
ହେଲେ ମାଟି ଜମା ନାଇଁ
ଚେରଉନି କବିତା,
ଆକାଶ କଥା ଛାଡ଼, ଚାଖଣ୍ଡେ ମାଟି ବି ନିଜର ବୋଲି
କବିତାର ନାଇଁ।

– ଟିକ୍ରାପଡ଼ା, ବଲାଙ୍ଗୀର

## ସ୍ମୃତି

**ସ୍ୱୟଂପ୍ରଭା ରଥ**

ସ୍ମୃତି ଏକ ନାମହୀନ ଋତୁ
ଏକ ଅଦିନ ମହ୍ଲାର
ବହୁଦିନୁ ହଜି ଯାଇଥିବା ବାସ୍ନାଭରା
ପୁଲକର ରେଣୁ,
କେଉଁ ଚିହ୍ନା ଅଚିହ୍ନା ସମୟର ଢେଉ
ଅବା ପଣତ କାନିରେ ବନ୍ଧା
ଜୀବନର ଆଦି ରାଗ
ପାହାନ୍ତି ପହରେ ଅହରହ ବାଜୁଥିବା
ଏକ ମୋହନ ବେଣୁ?

ସ୍ମୃତି କ'ଣ କଥା କହେ,
କହେ– ଖୁବ୍ ଧୀରେଧୀରେ,
ଲମ୍ବାଲମ୍ବା ଶୀତ ରାତିରେ
ଖରାଦିନ ନିଛାଟିଆ ଦ୍ୱିପ୍ରହରେ
ନିଃସଙ୍ଗ ସହର ରାସ୍ତାରେ ଚାଲୁଥିବା ବେଳେ
ସମୁଦ୍ର ଲହଡ଼ି ପରେ ହଜିଲା ଶାମୁକା ସବୁ
ଖୋଜୁଖୋଜୁ ସମୁଦ୍ର ବାଲିରେ?

ସ୍ମୃତି ବେଳେବେଳେ ଚାହେଁ
ଅଫୁଟା ଗୋଲାପ ଭଳି ପାଖୁଡ଼ା ମେଲିବ,
କୁହୁକ ଚାବିକାଠିରେ ଖୋଲିଦେବ
ବହୁଦିନୁ ବନ୍ଦ ଥିବା ମନ୍ଦିରର ଗର୍ଭଗୃହ
ସ୍ମୃତି ଚାହେଁ କଥା ହେବ,
ସମୟର ପ୍ରତିଟି ସ୍ପନ୍ଦନ ସହ ନିଜକୁ ଯୋଡ଼ିବ,
ରୁକ୍ଷ ନିଦାରୁଣ ବାସ୍ତବତା ସହ
ମିତ୍ରତା ସ୍ଥାପନ କରି ଜୀବନ୍ମୟ ହେବ।

ଆଉ ମୁଁ ପାରିଲି ନାହିଁ ଦେଖି
ସ୍ମୃତିର ସେ ଲୁହବୋଳା ଆଖି,
କହିଲା ସଧୀରେ–
ଆଜି ଯାହା ବର୍ତ୍ତମାନ,
କାଲି ପୁଣି ସ୍ମୃତି ପାଲଟିବ,
ପ୍ରଚ୍ଛାୟା ହେବ କି ତୁମେ
ହେବ ମୋର ଚିର ସହଚର– ଏକାନ୍ତ ନିଜର
ଜୀବନ ବଞ୍ଚିବା ପାଇଁ ଲୁହ ହିଁ ଯଥେଷ୍ଟ।

*– ଫ୍ଲାଟ୍ ନଂ. ୧୪୩୨, ଟାୱାର–୮,*
*ରୟାଲ ଲାଗୁନ୍,*
*ରଘୁନାଥପୁର, ଭୁବନେଶ୍ୱର–୨୪*

## ତୁମେ

**ପରେଶ ପଟ୍ଟନାୟକ**

ତୁମେ ପାଖରେ ଥିଲେ
ନୀଳ ସବୁଜିମା ବନାନୀ
ନାଚି ଉଠେ
ତୁମେ କଥା କହିଲେ
ଆକାଶରୁ ମୁକ୍ତା ଝରିପଡ଼େ
ତୁମେ ହସିଲେ
ଇନ୍ଦ୍ରଧନୁରେ ସପ୍ତରଙ୍ଗ ଦୃଶ୍ୟମାନ ହୁଏ
ତୁମେ ମନ ମାରିଦେଲେ
ଆକାଶରେ ବାଦଲମାନେ କାନ୍ଦନ୍ତି
ତୁମେ ଚାଲିଗଲେ
ଜଳରେ ତରଙ୍ଗ ସୃଷ୍ଟି ହୁଏ
ତୁମେ ନ ଥିଲେ
ଜୀବନ ଦୁର୍ବିଷହ ହୋଇଉଠେ
ତେବେ କାହିଁକି
ବୃଥାଟାରେ
ତୁମ ପାଶେପାଶେ ଥାଇ ମଧ୍ୟ
ମୁଁ
ମରୁମରୁ ବଞ୍ଚିଛି...

*– କବି କୁଟୀର, କବିଭୂଷଣମାର୍ଗ, ଢେଙ୍କାନାଳ*

## ତୁମ ପ୍ରତୀକ୍ଷାରେ

**ଗୋରାଚାନ୍ଦ ଦାସ**

ବନ୍ଧୁ, ତୁମେ କ'ଣ
ମୋ' ଡାକରାକୁ ଅନେଇଛ?
ଲୋଡ଼ା କ'ଣ?
ଯେବେ ଇଚ୍ଛା ଆସିପାର
ଆକସ୍ମିକ ସାକ୍ଷାତ୍‌ର
ଗୋଟେ ମଜା ଅଛି...

ମୋ' ଘରକୁ ରାସ୍ତା ତ ଜାଣିଛ
ଘର ବି ଦେଖିଚ, ତେବେ ଅସୁବିଧା କ'ଣ?
ଦୁଆର ମୁହଁରେ ନାଁ ଧରି ଡାକିଲେ
ତ ଜାଣିପାରିବି ତୁମେ ଆସିଛ!

ମୁଁ ଜାଣେ, ତୁମେ ଆସିବା ବେଳେ
ତୁମ ପକେଟ୍‌ରେ ଥିବ ପୁଳାଏ ବନ୍ଧୁତା
ପୁରୁଣା ସ୍ମୃତିର କିଛି ଟୁକୁରା
ଛୋଟଛୋଟ ଘଟଣାର
ଜୀର୍ଣ୍ଣ ଅବଶେଷ।

ଚା କପ୍‌ରେ ଚୁମୁକ ଦେଲାବେଳେ
ପିଲାଦିନର କିଛି ଦୁଷ୍ଟାମିକୁ
ଆଉ ଥରେ ମନେପକେଇ
ଆମେ ଦୁହେଁ ବହେ ହସିବା

ତା' ପରେ ପ୍ରଶ୍ନ କରିବା
ପରସ୍ପରକୁ ଚାହିଁ
''କାହିଁକି ହସିଲ ତୁମେ?''

ଫେରିବାବେଳେ
କେବଳ ପ୍ରତିଶ୍ରୁତି ନୁହେଁ
ନିଜର ବିଶେଷ କିଛି ଛାଡ଼ିଯିବ
ଯାହା ଆଉ ଥରେ ସାକ୍ଷାତ୍ ପାଇଁ
ବିବଶ କରିବ...

ଝର୍କା ପାଖରେ ବସି
କାଉଟିଏ କା' କା' କରେ
ସଂକେତ ଦିଏ କେହି ଆସିବାର
କେଉଁଠାରୁ
ପକ୍ଷୀଟିଏ ଉଡ଼ି ଆସି ବସେ, ବାଲ୍‌କୋନିରେ
ତୁମେ ସେହିପରି ଅଚାନକ ଆସ
ବନ୍ଧୁ, ତୁମ ପ୍ରତୀକ୍ଷାରେ ମୁଁ।।

*– ବି–୪/୧, ଚନ୍ଦ୍ରମା କମ୍ପ୍ଲେକ୍ସ,*
*ଖାରବେଳ ନଗର, ଭୁବନେଶ୍ୱର*

# ଅସରାଏ ଅଦିନ ବର୍ଷା ପରି ପ୍ରଥମ ଲେଖାର ସ୍ମୃତି




**ପାପାଲି ଭୂୟାଁଙ୍କ ଜନ୍ମ ୧୯୬୯ରେ, କେନ୍ଦ୍ରାପଡ଼ା ଜିଲା ଆଳିର ବଡ଼ମଙ୍ଗ ଗାଁରେ। ଖବରକାଗଜର ସାହିତ୍ୟ ପୃଷ୍ଠା ପଢୁପଢୁ ଲେଖାଲେଖି ପ୍ରତି ମନ ଢଳେ ପାପାଲିଙ୍କର ଓ ଲେଖି ବସନ୍ତି କବିତା। କିନ୍ତୁ କେବଳ କବିତାରେ ତାଙ୍କ ସୃଜନାବେଗ ସନ୍ତୁଷ୍ଟ ରହିପାରେ ନାହିଁ। ସେ ଲେଖନ୍ତି ଉପନ୍ୟାସ। ଏଯାବତ୍ ଦୁଇଟି ବହି ପ୍ରକାଶିତ ଓ ପ୍ରକାଶ ଅପେକ୍ଷାରେ ଆଉ ଦୁଇଟି। ଗୃହିଣୀ–କବି ପାପାଲି ତାଙ୍କ ପ୍ରଥମ ଲେଖାର ଅନୁଭୂତି ବଖାଣିଛନ୍ତି ଏଇ ସ୍ତମ୍ଭରେ...**


ପାପାଲି ଭୂୟାଁ

ନଦୀବନ୍ଧଘେରା ଛୋଟିଆ ଗାଁ ବଡ଼ମଙ୍ଗ। କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ମୋ' ଗାଁ ପ୍ରାକୃତିକ ପରିବେଶରେ ମନୋରମ। ଗାଁର ସବୁଜ କ୍ଷେତ, ନଈପଠାରେ ସାଙ୍ଗମାନଙ୍କ ସହ ଖେଳ, ନଈତୁଠରେ ପାଣି ଚବଚବ, ନଈ ଆରପାରିରେ ବୁଡ଼ି ଯାଉଥିବା ସୂର୍ଯ୍ୟ, ଉଡ଼ିଯାଉଥିବା ନୀଡ଼ଫେରା ଚଢ଼େଇ ଦଳ, ଗାଁ ମନ୍ଦିରରୁ ଶୁଭୁଥିବା ଶଙ୍ଖ ଧ୍ୱନି ମୋ' ମନରେ କାବ୍ୟିକତା ଆଣି ଦେଇଥିଲା। ଆଜି ବି ମନେପଡ଼େ ସେଇ ସବୁ ପୁଲକିତ ଦିନ। କେତେବେଳେ ଲୁଚେଇ ଲୁଚେଇ ସେ ସବୁ ଆନନ୍ଦକୁ କାଗଜରେ ଉତାରିଛି, କେତେବେଳେ କାହାକୁ ପଢ଼େଇ ଶୁଣେଇଚି ମନେନାହିଁ।

ଘରକୁ ଆସୁଥିବା ଖବରକାଗଜର ସାହିତ୍ୟ ପୃଷ୍ଠା ପଢ଼ି ମୋ' କବିତାକୁ ତା' ସହ ତୁଳନା କରୁକରୁ 'ବର୍ଷା' କବିତାଟି ଡାକ ଯୋଗେ ପଠାଇ ଦେଇଥିଲି। କେବେ ଆଶା କରି ନ ଥିଲି, ସେଇ ଲେଖା ପ୍ରକାଶ ପାଇବ। କିନ୍ତୁ ସେ ସ୍ୱପ୍ନ ଆଉ ଆଶା ସଫଳ ହେଲା ସେହି ଦିନ, ଯେଉଁଦିନ କଟକରୁ ପ୍ରକାଶିତ ଏକ ପ୍ରତିଷ୍ଠିତ କାଗଜର ସାହିତ୍ୟ ପୃଷ୍ଠାରେ ମୋ' ଲେଖା ପଢ଼ିଲି। କେବଳ ମୁଁ ନୁହଁ, ପାଖ ପଡ଼ିଶା, ସାଙ୍ଗସାଥୀଙ୍କୁ ଦେଖେଇଲି। ମୋ' ଖୁସିର ସୀମା ନ ଥାଏ, ଯେତେବେଳେ କେଇଜଣ କବିତାପ୍ରେମୀ ଓ କବି ମୋତେ ଲେଖାଟି ପାଇଁ ତାରିଫ୍ କଲେ।

ଗାଁ ଗହଳରୁ ଜଣେ ଗୃହିଣୀ କବିତା ଲେଖିବା ଏବଂ ତାହା ଅନେକ ପାଠକଙ୍କ ଆଦୃତି ଲାଭ କରିବା ଥିଲା ମୋ' ବିଶ୍ୱାସ ବାହାରେ। ପ୍ରଥମ ଲେଖାର ସେଇ ପ୍ରଥମ ପୁଲକ ଅନେକ ଦିନ ଧରି ମୋ' ମନରେ ଉଦ୍‌ବେଳିତ ହୋଇ ରହିଲା। ପଛକୁ ପଛ ମୁଁ କବିତା ଲେଖି ଚାଲିଲି। ତା'ର କେତେ ବର୍ଷ ପରେ ମୋର ପ୍ରଥମ ବହି ପ୍ରକାଶ ପାଇଲା। ତାହା କିନ୍ତୁ କବିତା ନ ଥିଲା, ଥିଲା ଉପନ୍ୟାସ। ଉପନ୍ୟାସର ନାଁ ଥିଲା 'ତୀର୍ଥ'। କବିତା ପରି 'ତୀର୍ଥ' ପାଇଁ ବି ମୁଁ ପାଠିକାପାଠକଙ୍କଠୁଁ ଅଭିନନ୍ଦନ ପାଇଛି।

ବିଶିଷ୍ଟ ସମାଜ ଚିନ୍ତକ, ସମାଜର ପ୍ରତିଷ୍ଠାତା ରାଧାନାଥ ରଥ ମୋ' ଉପନ୍ୟାସ ପଢ଼ି ଶୁଭେଚ୍ଛା ଜଣାଇ ତାଙ୍କୁ ଦେଖା କରିବାକୁ କହିଥିଲେ। ମୁଁ ତାଙ୍କୁ ସୌଜନ୍ୟ ସାକ୍ଷାତ୍ କରି ତାଙ୍କଠୁଁ ଆଶୀର୍ବଚନ ପାଇଥିଲି। ବର୍ତ୍ତମାନ ମୋର ଦୁଇଟି ବହି ପ୍ରକାଶିତ। କବିତା ସଂକଳନ 'ଛିନ୍ନ ଡେଣା' ଓ 'ମୁଁ ଏକ ଶୂନ୍ୟତା' ପ୍ରକାଶ ଅପେକ୍ଷାରେ। ଏସବୁ ସତ୍ତ୍ୱେ ମୋ' ପ୍ରଥମ ପ୍ରକାଶିତ କବିତାର ଆନନ୍ଦ ଆଜି ବି ମୋ' ମନରେ ଅସରାଏ ଅଦିନ ବର୍ଷା ପରି ମହାର୍ଘ ସ୍ମୃତି ହୋଇ ରହିଛି।



## ପୁସ୍ତକ ପରିଚୟ

### ରାଗ ତାଣ୍ଡବ

**କବି: ରାମକୃଷ୍ଣ**
**ପ୍ରକାଶକ: ରଚନା, ଲାଲଟିକ୍ରା, ବଲାଙ୍ଗୀର–୨**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ.୧୨୦/–**




ରାମକୃଷ୍ଣଙ୍କ 'ରାଗ ତାଣ୍ଡବ' କବିତା ଗ୍ରନ୍ଥରେ ସ୍ଥାନିତ ମୋଟ ୨୮ଟି କବିତା ଏବଂ ପ୍ରତ୍ୟେକଟି କବିତାରେ ତିଆରି ହେଇଛି କବିତ୍ୱର ନୂଆନୂଆ ବାଟ। ସବୁ ଦିନେ ଆଖିରେ ପଡୁଥିବା ଘଟଣା ଓ ଅନୁଭବକୁ ଅପୂର୍ବ କବିତା କରି ଗଢ଼ି ତୋଳିବାର କଳାକୁ ପାଠକେ ଭେଟିବେ ବହିଟିର ପ୍ରାୟ କବିତାରେ। କବିତାର ଭାଷା ନିଆରା, ପଦ୍ୟ ଗର୍ଭିତ ଗଦ୍ୟ ଓ ଗଦ୍ୟ ଗର୍ଭିତ ପଦ୍ୟ। ସାଦା କଥା, କିନ୍ତୁ ପଢ଼ିଲେ ଲାଗେ ତା' ଭିତରେ ଏକ ଗୂଢ଼ ଦର୍ଶନ ରହିଛି, ଯାହା ଏକାନ୍ତ ଭାବେ ରାମକୃଷ୍ଣୀୟ। ପ୍ରତିବଦ୍ଧତା ଥାଏ, ସମସ୍ତ ପ୍ରଥାସିଦ୍ଧ ପ୍ରତିବଦ୍ଧତାର ଊର୍ଦ୍ଧ୍ୱରେ। ଯଥା: ୧. ''ଘାସ ଉପରେ କାଳେ ମୋର ପାଦଚିହ୍ନ ଦିଶିବ ଭୟଙ୍କର / କାଳେ ନୀଳ ଝଡ଼ ଓ ବାଘ ରଡ଼ିର ଗୀତରେ ଭାଙ୍ଗିଯିବ ନିର୍ବୋଧ/ଶିଶୁମାନଙ୍କର ଖେଳ, ମୁଁ ତେଣୁ ନିଃଶ୍ୱାସ ରୋଧି ଆସ୍ତେଆସ୍ତେ/ ପାଦ ପକାଏ ମାଟିରେ।'' ୨. ''ସାତସିଆଁ ଚିରା ମଇଳା କୁର୍ତ୍ତା / ଭିତରେ ମୁଁ ଘୋଡ଼ାଇ ରଖେ ମୋର ବିଶ୍ୱରୂପ।'' ('ଈଶ୍ୱରଙ୍କ ଅକାଳ ମୃତ୍ୟୁରେ'– ପୃ.୬୯)। 'ମଲା ଲୋକର ଛାଇ' (ପୃ:୨୩) କବିତାରେ କବି କହନ୍ତି: ''ରାତି ଅଧରେ/ ସ୍ୱପ୍ନ ନିଶାରେ ଟଳଟଳ କବି/ ମଲାଲୋକର ଛାଇ ସହିତ ହାତ ମିଳାଏ, କହେ/ଦୋସ୍ତ!'' ଅଦୃଶ୍ୟପ୍ରାୟ ଦୃଶ୍ୟମାନ ଆଲୁଅ ପାଖରେ ପହଞ୍ଚିବାକୁ ହେଲେ ଅନେକ ଛାଇ ଓ କୁହୁଡ଼ିକୁଯେ ଅତିକ୍ରମ କରିବାକୁ ହୁଏ ରାମକୃଷ୍ଣଙ୍କ କବିତାରେ, ଏହି ପଂକ୍ତିଟି ତା'ର ପ୍ରମାଣ। 'ରାଗ ତାଣ୍ଡବ' ସାଂପ୍ରତିକ ଓଡ଼ିଆ କବିତାର ଚଳମାନ ଧାରାରେ ଏକ ଉଲ୍ଲେଖନୀୟ ପ୍ରବାହ।

### ଶ୍ୱେତପଦ୍ମ

**ଲେଖକ: ଲେ. କର୍ଣ୍ଣେଲ ଶିବରାମ ଶତପଥୀ**
**ପ୍ରକାଶକ: ପବ୍ଲିଶିଂ ହାଉସ୍, ନୂଆପଲ୍ଲୀ, ଭୁବନେଶ୍ୱର–୧୫**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ. ୧୨୦/–**




୨୩ଟି ଗଳ୍ପ ବହିଟିରେ, ଯହିଁରେ ରହିଛି ଜୀବନର ଅଭିନବ ସ୍ପନ୍ଦନ। ନାନା ଅଭିଜ୍ଞତା, ନାନା ଅବକାଶ ଓ ନାନା ରୂପ ନିର୍ମାଣ ବହିଟିର ପ୍ରତ୍ୟେକଟି ଗଳ୍ପକୁ ଅନନ୍ୟ କରି ଗଢ଼ିତୋଳିଛି। 'ଚାନ୍ଦ' ଗଳ୍ପର ଏଇ ଅଂଶଟିକୁ ଲକ୍ଷ୍ୟ କରାଯାଉ: ''କସରା ଗାଈ ଗୋଟେ ଛନଛନିଆ ମାଈ ବାଛୁରୀ ବେଇଁଲା। ବାଛୁରୀର ଭେଲ୍‌ଭେଟ୍ ପରି ଦେହର ରଙ୍ଗ ବର୍ଷଣୋଦ୍ୟତ ମେଘ ପରି କଳା'' (ପୃ.୧୫୭)। ଅନ୍ୟ ଏକ ଉଦାହରଣ: ''ଦ୍ୱିତୀୟ ଝିଅ କବିତା ଛଇଛାଡ଼୍ ହୋଇ ଆଖିଦୃଶିଆ ହେଲା। ସେ କିନ୍ତୁ ଅଙ୍ଗାର ପରି କଳା'' ('ବିଦେଶିନୀ'– ପୃ.୬୫)। 'ବଡ଼ ବାବୁ', 'ସୁନାରୀ ଗଛ', 'ଅଧର୍ମବିତ୍ତ', 'ବାୟାଣୀ', 'ଆକାଶପାତାଳ', 'ଖଜୁରୀକଣ୍ଟା', 'ବାଳାନାଂ ରୋଦନଂ ବଳମ୍', 'କୁମ୍ଭମେଳା' ଓ 'ଗୋବିନ୍ଦ ବୁଝିବେ' ଭଳି ଲେଖାଗୁଡ଼ିକ ବହିର ଶକ୍ତି। ଆଶା, ଏହା ପାଠକୀୟ ଆଦୃତି ଲାଭ କରିବ।

### ପୂରବୀକୁ ନେଇ ଯେତେସବୁ ପ୍ରେମ କବିତା

**କବି: ରଂଜନ କୁମାର ଦାସ**
**ପ୍ରକାଶକ: ଲେଖାଲେଖି, ଭିଏସ୍ଏସ୍ ନଗର, ଭୁବନେଶ୍ୱର–୧**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ. ୮୦/–**




ଗ୍ରନ୍ଥସ୍ଥ ସମସ୍ତ କବିତା ପୂରବୀକୁ ନେଇ, କିନ୍ତୁ ଏହି ପୂରବୀ କିଏ, ଏ ନେଇ ରଞ୍ଜନ ତମାମ କବିତାରେ କିଛି ସ୍ପଷ୍ଟ ଉତ୍ତର ଦିଅନ୍ତି ନାହିଁ। ସ୍ମରଣୀୟ ପ୍ରେମ କବିତାଗୁଡ଼ିକରେ ପ୍ରେମିକ ବା ପ୍ରେମିକାଙ୍କ ବାସ୍ତବ ପରିଚୟରେ କଥା ନ ଥାଏ, କଥା ଥାଏ କବି ତାଙ୍କର ପ୍ରେମାନୁଭବକୁ କେତେ ଜୀବନ୍ତ କରିପାରିଛନ୍ତି ତାଙ୍କର ଅଭିବ୍ୟକ୍ତିରେ। ପୂରବୀ 'ଦୂର ଦିଗନ୍ତରେ ଜଳୁଥିବା ଦିହୁଡ଼ିର ନିଆଁ ଟିକକ କି, ଯିଏ ଜଳୁଥାଏ, ଲିଭୁଥାଏ?' ଯଦି ହଁ, ତେବେ କବି ଏଇ ନିଆଁକୁ ଜଳେଇ ରଖିବାକୁ ଚାହାନ୍ତି: 'ମଶାଣିର ନିଆଁ ସଙ୍ଗେ ଏକ ହେବାଯାଏ'। (ଶୀତରେ ହିଁ ମନେପଡ଼େ ପୂରବୀ, ପୃ: ୩୬–୩୭)। 'ପୂରବୀ'କୁ କବି ମନିକା (କବି ପ୍ରସନ୍ନ ମିଶ୍ରଙ୍କର ମନିକା?) ସହ ତୁଳନା କରନ୍ତି ଓ କହନ୍ତି 'ପୂରବୀ' ମନିକା ପରି ଆଉ ଜଣେ। କିନ୍ତୁ ଏ ମନିକାର ସ୍ମୃତିରୁ ଆସେ ରଞ୍ଜନଙ୍କ ଲୁହ ଓ ଝାଳ ଗନ୍ଧ, ପ୍ରସନ୍ନଙ୍କର ନୁହେଁ। କାଠଯୋଡ଼ି, କଟକ ଓ ବୟାଳିଶ ମୌଜା ପ୍ରତି କବିତାରେ କବିଙ୍କର ଥିବା ଅହେତୁକ ମୋହରୁ କେହିକେହି ପାଠିକାପାଠକ ଜଣେ ସତ ପୂରବୀକୁ କଟକ ବା କଟକର ଆଖପାଖରେ ଠାବ କରନ୍ତି। କିନ୍ତୁ ଚତୁର ରଞ୍ଜନ ଖସିଯାଇ କହନ୍ତି – ''ପୂରବୀ ବୋଲି/ କେହି କେବେ ନ ଥିଲା କି / ଏବେ ମଧ୍ୟ ନାହିଁ।'' ('ଶେଷକଥା', ପୃ: ୯୨) ଓଡ଼ିଆ ପ୍ରେମ କବିତାର ଇତିହାସରେ ବହିଟି ଏକ ଦୀର୍ଘଶ୍ୱାସ, ଯାହାକୁ ଭୁଲିବା କାଠିକର।

### ଖୋର୍ଦ୍ଧା ବିଦ୍ରୋହର ସମର୍ଥ ସାରଥି ଜୟୀ ରାଜଗୁରୁ

**ଲେଖକ: ବିଜୟ ଚନ୍ଦ୍ର ରଥ**
**ପ୍ରକାଶକ: ଶିଶୁ କଲମ**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ.୨୦୦/–**




ରାଜଗୁରୁ ଜୟକୃଷ୍ଣ ମହାପାତ୍ର ବା ଜୟୀ ରାଜଗୁରୁଙ୍କ ଔପନିବେଶିକ ଶକ୍ତି ବିରୁଦ୍ଧରେ ବିଦ୍ରୋହକୁ ନାନା ଦୁର୍ଲଭ ନଥିପତ୍ର ଆଧାରରେ ରୂପାୟିତ କରିବାର ସଯତ୍ନ ପ୍ରଚେଷ୍ଟା ଗ୍ରନ୍ଥଟିରେ କରାଯାଇଛି। ୭ଟି ପରିଚ୍ଛେଦରେ ବିଭକ୍ତ ଏହି ପୁସ୍ତକଟିରେ ଲେଖକ ଜୟୀ ରାଜଗୁରୁଙ୍କ ବିଦ୍ରୋହର ପୃଷ୍ଠଭୂମି, ସମକାଳୀନ ଓଡ଼ିଶାର ରାଜନୈତିକ ଦୃଶ୍ୟପଟ ଓ ରାଜଦ୍ରୋହ ଅପରାଧରେ ଇଂରେଜକର୍ତ୍ତୃକ ଜୟୀ ରାଜଗୁରୁଙ୍କୁ ଫାଶୀଦଣ୍ଡ ଆଦି ପ୍ରସଙ୍ଗ ତଥ୍ୟନିଷ୍ଠ ଭାବେ ଉପସ୍ଥାପିତ। ଜୟୀ ରାଜଗୁରୁଙ୍କୁ ୧୮୦୬ ମସିହା ଡିସେମ୍ବର ୬ ତାରିଖରେ ମେଦିନୀପୁରର 'ବାଘିତୋଟା'ରେ ଅତି ନୃଶଂସ ଭାବେ ହତ୍ୟା କରାଯାଇଥିଲା। କିନ୍ତୁ ଏ ସମ୍ପର୍କରେ ବିସ୍ତୃତ ସରକାରୀ ତଥ୍ୟ ନ ଥିବାରୁ ଲେଖକ ଜନଶ୍ରୁତି ଉପରେ ନିର୍ଭର କରି ଓଡ଼ିଆ ଜାତୀୟତାର ଏହି ଉତ୍ତାଳ ସମୟଖଣ୍ଡକୁ ଚିତ୍ରିତ କରିଛନ୍ତି। ଜନଶ୍ରୁତିରେ ଅଛି– ''କାଉ ବୋଲେ ରାଉରାଉ, ଜୟୀ ରାଜଗୁରୁ ଫାଶୀ ପାଇଲେ କେହି ନ ଜାଣିଲେ ଆଉ।'' ପରିଶିଷ୍ଟରେ ଇଂଲିଶ୍‌ରେ ଲିଖିତ ଖୋର୍ଦ୍ଧା ରାଜା ମୁକୁନ୍ଦଦେବଙ୍କ ଆବେଦନ ଓ ପୁରୀ ଗଙ୍ଗାମାତା ମଠ ମହନ୍ତଙ୍କ ପାଖକୁ ରାଜଗୁରୁ ପଠାଇଥିବା ଚିଠାଉର ନକଲ ସ୍ଥାନିତ ହୋଇଥିବାରୁ ଏହା ଗ୍ରନ୍ଥର ବିଶ୍ୱସନୀୟତା ବୃଦ୍ଧି କରିଛି।

### ନବରଙ୍ଗପୁର ଜିଲ୍ଲାର ଦେଶିଆ ନାଟ

**ଲେଖକ: ଫକୀର ଚରଣ ପାଢ଼ୀ**
**ପ୍ରକାଶକ: : ନୀଳଚକ୍ର ପ୍ରକାଶନ, ବେରବୋଇ, ପୁରୀ**
**ପ୍ରଥମ ପ୍ରକାଶ: ୨୦୧୯, ମୂଲ୍ୟ: ଟ.୧୩୦/–**




ନବରଙ୍ଗପୁର ଜିଲାର ଦେଶିଆ ନାଟକୁ ନେଇ ରଚିତ ଏହି ପୁସ୍ତକଟିରେ ଦେଶିଆ ନାଟର ଇତିବୃତ୍ତ, ଏହାର ଉତ୍ପତ୍ତିସ୍ଥଳ ଓ ସମୟ, ନାଟ ସରଞ୍ଜାମ, ନାଟ ଛାମୁଣ୍ଡିଆ, ମଞ୍ଚ ବ୍ୟବସ୍ଥା, ବାଦକମଣ୍ଡଳୀ, ବେଶଭୂଷା, ବିଷୟବସ୍ତୁ ଓ ଅଭିନୟ କଳା ଆଦିର ପୁଙ୍ଖାନୁପୁଙ୍ଖ ଅଧ୍ୟୟନ କରାଯାଇଛି। ଛତିଶଗଡ଼ ବସ୍ତର ଅଞ୍ଚଳର ଦେଶିଆ ନାଟ, ଦେଶିଆ ନାଟ ବନ୍ଦନା ଓ ଦେଶିଆ ନାଟ ବନ୍ଦନାରେ ଦେବଦେବୀ ଆଦିର ଚର୍ଚ୍ଚା ବେଶ୍ ତଥ୍ୟପୂର୍ଣ୍ଣ। ଭତରା ଆଦିବାସୀ ଝିଅମାନେ ରାତିରେ ଖେଳିବା ସମୟରେ ଗାଉଥିବା ଏକ ଗୀତର ଉଲ୍ଲେଖ କରିଛନ୍ତି ଲେଖକ ଏହିପରି– ''ମାତା କେ ମାହୁଲୀ/ 'ଭୈରବ' କେ ଲାଲି/ ଭୀମା କେ ନଡ଼ିଆ ଦେଲି,/ କାଏ ବୋଲି କରି ନଡ଼ିଆ ଦେଲି/ ଉଦୁଲିଆ ଯିବି ବୋଲି।'' ବହିଟି ଓଡ଼ିଆ ସଂସ୍କୃତିର ବୈଶିଷ୍ଟ୍ୟ ବିବେଚନା କ୍ଷେତ୍ରରେ ଏକ ପଥିକୃତ୍ ଉଦ୍ୟମ।